


# ସକାଳସାଥୀ

ଦୈନିକ ଓଡ଼ିଆ SAKALA SATHI ODIA DAILY

ଆମ ନଜର
ନୂଆ ଖବର

RNI No.ODIODI/2016/70527

■ Vol. 03 ■ Issue : 143 ■ Cuttack ■ Sunday, 14 July 2024 ■ page-8 ■ Rs.2.00 ■ ଭାଗ-୦୩ ■ ସଂଖ୍ୟା-୧୪୩ ■ କଟକ ■ ରବିବାର, ୧୪ ଜୁଲାଇ ୨୦୨୪ ■ ପୃଷ୍ଠା : ୮ ■ ମୂଲ୍ୟ :୨.୦୦


## କଟକର ଏକ ଘରୋଇ ନର୍ସିଂହୋମରେ ଅଗ୍ନିକାଣ୍ଡ

### ଉଦ୍ଧାର କାର୍ଯ୍ୟ ଜାରି, ରୋଗୀଙ୍କୁ କରାଯାଉଛି ସ୍ଥାନାନ୍ତରିତ




କଟକ: ପୁରୀଘାଟ ଥାନା ନିକଟ ଏକ ଘରୋଇ ନର୍ସିଂହୋମରେ ଶନିବାର ଅପରାହ୍ ?ଣରେ ନିଆଁ ଲାଗିଛି। ନର୍ସିଂହୋମର ତୃତୀୟ ମହଲାରେ ନିଆଁ ଲାଗିଥିବା ଜଣାପଡ଼ିଛି। ଏହି ଅପ୍ରୀତିକର ଘଟଣା ପରେ ରୋଗୀମାନଙ୍କୁ ଯୁଦ୍ଧକାଳୀନ ପରିସ୍ଥିତିରେ ଉଦ୍ଧାର କରାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି। ସୂଚନା ଅନୁସାରେ ପୁରୀଘାଟ ଥାନା ନିକଟ ଘରୋଇ ନର୍ସିଂହୋମରେ ଆଜି ଅପରାହ୍ ?ଣ ପ୍ରାୟ ୪ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଡାକ୍ତରଖାନାର ତୃତୀୟ ମହଲାରେ ନିଆଁ ଲାଗିବା ମାତ୍ରେ ରୋଗୀ, ରୋଗୀ ସଂପର୍କୀୟ, ଡାକ୍ତରଖାନାର କର୍ମଚାରୀ ଡରିଯାଇଥିଲେ। ଅଗ୍ନିକାଣ୍ଡ ଘଟଣା ନେଇ ଦମକଳବାହିନୀଙ୍କୁ ସୂଚନା ଦିଆଯାଇଥିଲା।ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାମ ଜାରି ରଖିଛନ୍ତି। ଡାକ୍ତରଖାନାର ତୃତୀୟ ମହଲାରେ ଥିବା ରୋଗୀମାନଙ୍କୁ ଉଦ୍ଧାର କରାଯାଇଛି। କିଛି ନବଜାତଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଚିକିତ୍ସାଧୀନ ରୋଗୀମାନଙ୍କୁ ଆମ୍ବୁଲାନ୍ସ ମାଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ବିଦ୍ୟୁତ୍ ? ସର୍ଟସର୍କିଟରୁ ଏହି ଅପ୍ରୀତିକର ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି।

ଏହାରି ମଧ୍ୟରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ରିପୋର୍ଟ ଲେଖାଯିବା ବେଳକୁ କେ ?ଣସି ଜୀବନକୁ କ୍ଷତି ପହଞ୍ଚି ନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।ସୂଚନାଯୋଗ୍ୟ, କଟକରେ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜ ଓ ହସ୍ ?ପିଟାଲ ଥିଲେ ମଧ୍ୟ ଏଠାରେ ଚିକିତ୍ସା ନେଇ ଅନେକ ଥର ?ରୋଗୀ ଓ ସେମାନଙ୍କର ସଂପର୍କୀୟ ଅଭିଯୋଗ କରିଥାନ୍ତି। ରୋଗୀ ସଂପର୍କୀୟ ଏସ୍ ?ସିବିରୁ ମୁହଁ ଫେରାଇ ନେଇ ଘରୋଇ ଡାକ୍ତରଖାନାକୁ ଯାଆନ୍ତି। ତେବେ ଘରୋଇ ଡାକ୍ତରଖାନାରେ ରୋଗୀଙ୍କୁ ଆର୍ଥିକ ଭାବେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ? ସେହିପରି ଘରୋଇ ହସ୍ ?ପିଟାଲରେ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ନଥିବାରୁ ହଇରାଣ ହେବାକୁ ପଡ଼ିଥାଏ। କଟକର ?ଘରୋଇ ଡାକ୍ତରଖାନାରେ ନିଆଁ ଲାଗିବା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏହିଭଳି ଅଘଟଣ ଘଟିଛି। ୨୦୨୦ ମସିହା ସେପ୍ଟେମ୍ବର ୨୧ ତାରିଖରେ ମଧ୍ୟ ଏକ ଘରୋଇ ଡାକ୍ତରଖାନାରେ ନିଆଁ ଲାଗିଥିଲା। ସେହି ସମୟରେ ସତ୍ ?ଗୁରୁ ଡାକ୍ତରଖାନାରେ ନିଆଁ ଲାଗିଥିଲା।

## ବାହୁଡ଼ା ଯାତ୍ରାରେ ରଥ ଉପରେ ଅଧିକ ସେବାୟତ ରହିଲେ

### ପହଣ୍ଡିରେ ହେବ ବିଭ୍ରାଟ, ଚେତାଇଲେ ବଳଭଦ୍ରଙ୍କ ମୁଖ୍ୟ ବାଡଗ୍ରାହୀ




ପୁରୀ: ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ ସମୟରେ ତାଳଧ୍ୱଜ ରଥର ଚାରମାଳ ଉପରେ ପ୍ରଭୁ ବଳଭଦ୍ର ହାମୁଡେଇ ପଡିଯିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ତାଳଧ୍ୱଜ ରଥର ମୁଖ୍ୟ ବାଡଗ୍ରାହୀ ହଳଧର ଦାସ ମହାପାତ୍ର। ସେ କହିଛନ୍ତି ଯେ, ଏଭଳି ଘଟଣା ତାଙ୍କ ଜୀବନକାଳ ଭିତରେ କେବେ ଘଟିନଥିଲା ଯାହା ଚଳିତ ବର୍ଷ ଆଡପ ମଣ୍ଡପ ପହଣ୍ଡି ସମୟରେ ଘଟିଗଲା। ତେବେ ଆସନ୍ତା ବାହୁଡ଼ା ଯାତ୍ରାରେ ଯଦି ରଥ ଉପରେ ଆବଶ୍ୟକତା ଠାରୁ ଅଧିକ ସେବାୟତ ରହିବେ ତେବେ ପହଣ୍ଡିରେ ବିଭ୍ରାଟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ? ତେବେ ମହାପ୍ରଭୁଙ୍କ ନୀତି କାନ୍ତିରେ ବିଭ୍ରାଟ, ରଥ ଉପରେ ମାଳ ମାଳ ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର କୋହଳ ମନୋଭାବ ଯୋଗୁ ଗତ ଆଡପ ମଣ୍ଡପ ଦିନ ପହଣ୍ଡି ସମୟରେ ଏତେ ବଡ ଅଘଟଣ ଘଟିଗଲା ବୋଲି ସେ କହିଛନ୍ତି।ପ୍ରଭୁ ବଳଭଦ୍ରଙ୍କ ରଥ ଉପରେ ଅନଧିକୃତ ବା ପାଳି ନ ଥିବା ସେବାୟତ ମାନେ ରଥ ଉପରେ ରହିଥିଲେ। ପହଣ୍ଡି ସମୟରେ ଯେତିକି ସଂଖ୍ୟକ ସେବାୟତଙ୍କ ଆବଶ୍ୟକତା ରହିଛି ତା ଠାରୁ ଅଧିକ ସେବାୟତ ରହିବା ଦ୍ୱାରା ପହଣ୍ଡିରେ ଏତେ ବଡ ଅଘଟଣ ଘଟିଗଲା। ପ୍ରଭୁ ବଳଭଦ୍ର ଚାରମାଳ ଉପରେ ଏଭଳି ହାମୁଡେଇ ପଡିବା ଏକ ପ୍ରକାର ଅଶୁଭ ସଙ୍କେତ ଦେଉଛି ବୋଲି ବାଡଗ୍ରାହୀ ହଳଧର ଦାସ ମହାପାତ୍ର କହିଛନ୍ତି। ତେଣୁ ବାହୁଡା ଦିନ ଯଦି ରଥ ଉପରେ ଅନଧିକୃତ ସେବାୟତ ରୁହନ୍ତି ତେବେ ମହାପ୍ରଭୁଙ୍କ ପହଣ୍ଡି ନୀତିରେ ବିଭ୍ରାଟ ହେବ। ଏଣୁ ଶ୍ରୀମନ୍ଦିର ପ୍ରଶାସନ ଏ ସବୁ ଦିଗରେ ବିଶେଷ ଧ୍ୟାନ ଦେବାର ନିହାତି ଆବଶ୍ୟକ ରହିଛି। ନଚେତ୍ ଆଗକୁ ଆହୁରି କିଛି ବଡ ଅଘଟଣ ଘଟିପାରେ ବୋଲି ସୂଚେଇ ଦେଇଛନ୍ତି ବଳଭଦ୍ରଙ୍କ ମୁଖ୍ୟ ବାଡଗ୍ରାହୀ ହଳଧର ଦାସ ମହାପାତ୍ର।

# ଆଜି ଖୋଲିବ ରତ୍ନଭଣ୍ଡାର

### ପ୍ରଶାସନକୁ ଏସ୍‌ଓପି ପ୍ରଦାନ କଲେ ରାଜ୍ୟ ସରକାର


### ଭକ୍ତଙ୍କ ଦର୍ଶନରେ ହେବନି ଅସୁବିଧା: ଆଇନ୍ ମନ୍ତ୍ରୀ




ପୁରୀ: ରାତି ପାହିଲେ ଅର୍ଥାତ ଜୁଲାଇ ୧୪ରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବ। ଏଥି ପାଇଁ ପୂର୍ବରୁ ଦିନ ନିର୍ଦ୍ଧାରିତ ହୋଇସାରିଛି। ଏହା ପୂର୍ବରୁ ରତ୍ନଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜୁର (ଏସ୍ ?ଓପି) ପ୍ରସ୍ତୁତ କରିଛନ୍ତି। ଏହି ଏସ୍ ?ଓପିକୁ ଆଜି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି। କେଉଁ ପ୍ରକ୍ରିୟା ଦେଇ ରତ୍ନଭଣ୍ଡାର ଖୋଲାଯିବ, ସେନେଇ ଏସ୍ ?ଓପିରେ ଉଲ୍ଲେଖ କରାଯାଇଛି। ତେବେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ଜରୁରୀକାଳୀନ ବୈଠକ ହୋଇଛି। ଆଇନ୍ ? ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି, ଆସନ୍ତାକାଲି (ରବିବାର) ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ? ଗଠନ କରାଯାଇଛି। ଏହି ଟିମ୍ ?ରେ ଏଏସ୍ ?ଆଇ ଓ ଆରବିଆଇର ପ୍ରତିନିଧି ଅଛନ୍ତି। ସେହିପରି ସେବାୟତ, ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ମଧ୍ୟ ଅଛନ୍ତି। ବିଶେଷଜ୍ଞ କମିଟି ରତ୍ନଭଣ୍ଡାରକୁ ପ୍ରବେଶ କରିବା ପୂର୍ବରୁ ସତର୍କତାର ସହିତ ନୀତିକାନ୍ତି, ଗଣତି, ମଣତି ପ୍ରତିଟି ଦିଗକୁ ତର୍ଜମା କରାଯାଇଛି। ରତ୍ନଭଣ୍ଡାର ଖୋଲିବା ନେଇ ଆସନ୍ତାକାଲି ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଗଣତି, ମଣତି ପ୍ରକ୍ରିୟାକୁ ସ୍ୱଚ୍ଛତା ରଖାଯିବ। ଗଣତି ମଣତିରେ ଡିଜିଟାଲ ସହାୟତା ନିଆଯିବ। ଅତ୍ୟନ୍ତ ନିଖୁଣ ଭାବେ ରତ୍ନଭଣ୍ଡାର ଗଣତି ମଣତି କରାଯିବ। ହାଇପାୱାର କମିଟି ସଦସ୍ୟ ମଧ୍ୟ ଏହାର ତର୍ଜମା କରିଛନ୍ତି। ସରକାରଙ୍କୁ ଗତ ୯ ତାରିଖରେ ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ୧୪ ତାରିଖରେ ଖୋଲିବାକୁ ଅନୁମତି ମଗାଯାଇଥିଲା। ଯାହା ପରେ ସରକାର ଏସ୍ ?ଓପି ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି। କାଲିଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟା ଆରମ୍ଭ ହେବ। ଏହା କ୍ରମାଗତ ଭାବେ ଚାଲିବ। କେତେବେଳେ ଖୋଲିବ, ସେ ନିଷ୍ପତ୍ତି ନେବାକୁ ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଛି। ଶୁଭ ସମୟ ଦେଖି ମୁଖ୍ୟ ପ୍ରଶାସକ ଏହାର ନିଷ୍ପତ୍ତି ନେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ପ୍ରତିଟି ଅଳଙ୍କାରର ମୂଲ୍ୟ ସହ ଡିଜିଟାଲ ଡକ୍ୟୁମେଣ୍ଟ ପ୍ରସ୍ତୁତ ହେବ। ଯାହା ଫଳରେ କି ଭବିଷ୍ୟତରେ ରତ୍ନଭଣ୍ଡାରର ଗଣତି ମଣତି ସହଜ ହେବ। ରତ୍ନଭଣ୍ଡାର ଖୋଲାଯିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆଗକୁ ଜାରି ରହିବ। ରତ୍ନଭଣ୍ଡାର ମରାମତି କାମ ଚାଲିଲେ ବି ଶ୍ରଦ୍ଧାଳୁମାନେ ଯେପରି ସୁରୁଖୁରରେ ଶ୍ରୀଜୀଉଙ୍କ ଦର୍ଶନ କରିବେ ତାହାକୁ ଗୁରୁତ୍ୱ ଦିଆଯିବ। ତା ସହିତ ମହାପ୍ରଭୁଙ୍କର ନୀତିକାନ୍ତିରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

## ମୋଦୀ ୩.୦ ପରେ ପ୍ରଥମ ନିର୍ବାଚନ ଏନ୍‌ଡିଏକୁ ବଡ଼ ଝଟକା, ଇଣ୍ଡିଆ ମେଣ୍ଟର ବଡ଼ ବିଜୟ

ନୂଆଦିଲ୍ଲୀ : ଦେଶର ୭ ରାଜ୍ୟର ୧୩ ବିଧାନସଭା ଆସନରେ ଉପନିର୍ବାଚନ ଫଳାଫଳ ନିର୍ବାଚନ ଆୟୋଗ ପ୍ରକାଶ କରିଛନ୍ତି। ମୋଦୀ ସରକାରର ତୃତୀୟ ପାଳି ପରେ ପ୍ରଥମ ନିର୍ବାଚନରେ ଏନଡିଏ ମେଣ୍ଟକୁ ବଡ଼ ଝଟକା ଲାଗିଛି। ଚଳିତ ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ କଡ଼ା ଟକ୍କର ଦେଇଥିବା ବିରୋଧୀ ମେଣ୍ଟ ଇଣ୍ଡିଆ ୭ ରାଜ୍ୟରେ ଅନୁଷ୍ଠିତ ଉପ ନିର୍ବାଚନରେ ମଧ୍ୟ ଦମଦାର ପ୍ରଦର୍ଶନ କରିଛି। ୭ ରାଜ୍ୟରେ ୧୩ଟି ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହୋଇଥିବା ବେଳେ ଇଣ୍ଡିଆ ମେଣ୍ଟ ବୃହତ୍ତ ବିଜୟ ହାସଲ କରିଛି। ୧୩ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡିଏ ମାତ୍ର ଦୁଇଟି ସିଟ୍ ପାଇଥିବାବେଳେ ଇଣ୍ଡିଆ ମିଳିତ ମଞ୍ଚ ୧୦ଟି ସିଟ୍ ହାସଲ କରିଛି। ସେହିପରି ଗୋଟିଏ ଆସନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି।ପଶ୍ଚିମବଙ୍ଗର ୪, ହିମାଚଳ ପ୍ରଦେଶର ୩, ଉତ୍ତରାଖଣ୍ଡର ୨, ବିହାର, ପଞ୍ଜାବ, ମଧ୍ୟପ୍ରଦେଶ ଓ ତାମିଲନାଡୁରେ ଗୋଟିଏ ଲେଖାଏ ଆସନରେ ହୋଇଥିଲା ଉପନିର୍ବାଚନ। ତେବେ ହିମାଚଳ ପ୍ରଦେଶରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ପତ୍ନୀ କମଳେଶ ଠାକୁର ପ୍ରଥମଥର ପାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ସେ ବିଜେପିର ଗଡ଼ ଭାବେ ପରିଚିତ ଦେହରା ଆସନରୁ ଲଢ଼ିଥିଲେ। ଏଠାରେ କମଳେଶ ବିଜୟୀ ହୋଇଛନ୍ତି।ଅନ୍ୟପଟେ ମଧ୍ୟପ୍ରଦେଶର ଅମରୱାଡା ଆସନ ଏବଂ ହିମାଚଳ ପ୍ରଦେଶର ହମିରପୁର ଆସନରେ ବିଜେପି ଜିତିଛି। ଲୋକସଭା ନିର୍ବାଚନରେ ? ?ନିଜେ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବା ବିଜେପି ପାଇଁ ଦେଢ଼ ମାସ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ବଡ଼ ଝଟ୍ ?କା।ସେପଟେ ପଞ୍ଜାବରେ ଆପ୍ ?ର ମୋହିନ୍ଦର ଭଗତ ଜଲନ୍ଧର ଅରସନରୁ ୨୩ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି।



# ଖୋଲିବ ଏଆଇ ସେଲ୍




ଭୁବନେଶ୍ୱର : ରାଜ୍ୟରେ ପ୍ରଶାସନିକ କାର୍ଯ୍ୟରେ ଏବେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ପ୍ରଚଳନ ହେବ। ଏଥିପାଇଁ ଏଆଇ ସେଲ୍ ? ଖୋଲିବାକୁ ଯୋଜନା ପ୍ରସ୍ତୁତ ହେଉଛି। ପ୍ରଶାସନରେ ବିଭିନ୍ନ ଆହ୍ୱାନର ମୁକାବିଲା ଏବଂ ଜନସେବାକୁ ସୁଗମ କରିବା ପାଇଁ ଏଆଇର ପ୍ରଭାବଶାଳୀ ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଏଭଳି ପଦକ୍ଷେପ ନିଆଯାଉଛି। ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ନିକଟରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ନିଜ ନିଜ ବିଭାଗର ସେବା ପ୍ରଦାନରେ ଏଆଇ ଓ ଟେକ୍ନୋଲୋଜିର ବ୍ୟବହାର କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରାମର୍ଶ ଦେଇଥିଲେ।ଶ୍ରୀ ଆହୁଜା କେନ୍ଦ୍ରରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଥିବା ସମୟରେ କୃଷକମାନଙ୍କୁ ସହାୟତା କରିବା ପାଇଁ ଏବଂ କୃଷି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନର ମୁକାବିଲା ପାଇଁ ଅନେକ ଏଆଇ ଭିତ୍ତିକ ପଦ୍ଧତି ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି।ପିଏମ କିଷାନ ସମ୍ମାନ ନିଧି ଯୋଜନା ବିଷୟରେ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ ପ୍ରମୁଖ ଏଆଇ ଟେକ୍ନୋଲୋଜି ହେଉଛି 'କିଷାନ ଇ-ମିତ୍ରଦ'। ଏହା ଏକାଧିକ ଭାଷାକୁ ବୁଝିବା ଏବଂ ଅନ୍ୟ ସରକାରୀ କାର୍ଯ୍ୟକ୍ରମରେ ସହାୟତା କରିବା ପାଇଁ ବିକଶିତ ହୋଇଛି।ସେହିଭଳି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ପାଦିତ ଫସଲର କ୍ଷୟକ୍ଷତିର ମୁକାବିଲା ପାଇଁ ଜାତୀୟ କୀଟ ନିରୀକ୍ଷଣ ବ୍ୟବସ୍ଥା। ଏହି ପ୍ରଣାଳୀ ଫସଲ ସମସ୍ୟା ଚିହ୍ନଟ କରିବା ପାଇଁ ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ ବ୍ୟବହାର କରିଥାଏ, ଯାହା ଉନ୍ନତ ଫସଲ ପାଇଁ ସଠିକ୍ ସମୟରେ ସୂଚନା ପ୍ରଦାନ କରିଥାଏ।ଧାନ ଏବଂ ଗହମ ଫସଲ ପାଇଁ ଉପଗ୍ରହ, ପାଣିପାଗ ଏବଂ ମୃତ୍ତିକା ଆର୍ଦ୍ରତା ଡାଟାସେଟ୍ ବ୍ୟବହାର କରି ଫସଲ ସ୍ୱାସ୍ଥ୍ୟ ଆକଳନ ଏବଂ ଏହାର ନିରୀକ୍ଷଣ ଲାଗି କ୍ଷେତ୍ର ଫଟୋଗ୍ରାଫ୍ ପାଇଁ ଏଆଇ ଆଧାରିତ ବିଶ୍ଲେଷଣ ବ୍ୟବହାର କରାଯାଉଛି।।ରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆ ?) ଅମଳ ପରବର୍ତ୍ତୀ ଜ୍ଞାନକୌଶଳ, ଉତ୍ପାଦ ଏବଂ ଯନ୍ତ୍ରପାତି ବିଷୟରେ କୃଷକମାନେ ସଠିକ ସୂଚନା ପାଇବାରେ ସାହାଯ୍ୟ କରିବା ପାଇଁ 'ମାଇଁ ସିଫେଟ୍ ?ଦ' ମୋବାଇଲ୍ ଆପ୍ଲିକେସନ୍ ମଧ୍ୟ ଆରମ୍ଭ କରିଥିଲେ।ରାଜ୍ୟ ବିଭିନ୍ନ କ୍ଷେତ୍ରରେ କିଛି ଏଆଇ ଭିତ୍ତିକ ପଦ୍ଧତି ମଧ୍ୟ ଆରମ୍ଭ କରିଛି। ଚଳିତ ବର୍ଷ ମାଟ୍ରିକ୍ ବୋର୍ଡ ପରୀକ୍ଷା ଓ ରଥଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ସରକାର ଏଆଇ ସଂଯୁକ୍ତ କ୍ୟାମେରା ଟେକ୍ନୋଲୋଜିର ବ୍ୟବହାର କରିଛନ୍ତି। ଉଭୟ କ୍ଷେତ୍ରରେ ବେଶ୍ ? ସଫଳତା ମିଳିଛି। ଏହିସବୁକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ଏଆଇ ସେଲ୍ ଖୋଲିବାକୁ ପଦକ୍ଷେପ ନିଆଯାଇଛି।

ସକାଳସାଥୀ
SAKALA SATHI

## ବୋଡେନରେ ଜଳ ଯୋଗାଣ ସ୍ୱାଭାବିକ ହେଲା



ଖଡ଼ିଆଳ ସବ ଡିଭିଜନ : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ସଦର ମହକୁମା ଆଶ୍ରମପଡ଼ା ଓ ବସ୍ତି ଉପର ମୁଣ୍ଡରେ ଚାରିଦିନ ହେଲା ପାଣି ଯୋଗାଣ ବନ୍ଦ ରହିଥିବାର ଉତ୍କଳ ସମାଜ ଖବର କାଗଜରେ ଉକ୍ତ ଖବର ପ୍ରସାରଣ କରାଯାଇଥିଲା । ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ତରଫରୁ ତତ୍ପରତା ଦେଖାଇ ଦୁଇଦିନ କଠିନ ପରିଶ୍ରମ ପରେ ଅଚଳ ମୋଟରକୁ ସଚଳ କରି ଗତ କାଲିଠାରୁ ପାଣି ଯୋଗାଣ ସ୍ୱାଭାବିକ ହୋଇଥିବାରୁ ଆଶ୍ରମ ପଡ଼ାବାସୀ ଓ ବସ୍ତି ପଡ଼ା ବସି ଖୁସି ବ୍ୟକ୍ତ କରିଛନ୍ତି ଓ ବିଭାଗୀୟ ଯନ୍ତ୍ରୀ ଅକ୍ଷୟ କୁମାର ସାମଲଙ୍କୁ ଭୂରି ଭୂରି ପ୍ରଶଂସା କରି ଧନ୍ୟବାଦ ଜଣାଇଛନ୍ତି ।

## 'ରକ୍ତ ଦାନ କରି ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଝାରସୁଗୁଡ଼ା, : ଦୈନିକ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଝାରସୁଗୁଡା ସଂସ୍କୃତି ଭବନ ଠାରେ 'ସମାଜ' ଝାରସୁଗୁଡା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଯାଇଅଛି କ୍ଷ ବିଶିଷ୍ଟ ସାହିତ୍ୟିକା ଶ୍ରୀମତୀ ପ୍ରଣତି ପଟ୍ଟନାୟକ,ସମାଜ ସେବୀ ଶ୍ରୀମତୀ ମାଧବୀ ପଟେଲ, ଓଡ଼ିଶା ପ୍ରଦେଶ ଲକ୍ଷେଘର ଜାତି ସମାଜ ମହାସଂଘ ଜିଲ୍ଲା ଶାଖାର ସଭାପତି ଜୟ ପ୍ରକାଶ କୁଅଁର, ଓ ଝାରସୁଗୁଡା 'ସମାଜ' ପାଠକ ମଞ୍ଚର ଆବାହକ ସୁବ୍ରତ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦ୍ୱିପ ପ୍ରଜ୍ୱଳନ କରି ସ୍ତୁତିଚାରଣ କରିଥିଲେ କ୍ଷ ସମାଜ ସେବୀ ମାନସୀ ପଣ୍ଡା,ଶୋଭାନା ସୋହେଲା,ବିନ୍ଦିଆ ଜଲାନ,ମମତା ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ କ୍ଷଏହି କାର୍ଯ୍ୟକ୍ରମକୁ ସମାଜର ଜିଲ୍ଲା ପ୍ରତିନିଧି ରତ୍ନାକର ବେହେରାଙ୍କ ଆବାହକତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ରକ୍ତଦାତାଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା କାର୍ଯ୍ୟକ୍ରମରେ ପିପୁଲ୍ସ ଫୋରମର ଉପ ସଭାପତି ତଥା ପଚିମାଞ୍ଚଳର ମୁଖ୍ୟ ସଞ୍ଜୟ କୁମାର ଜେଠିଙ୍କ ତତ୍ତ୍ୱାବଧାନରେ ରକ୍ତ ଦାତା ମାନେ ସାମିଲ ହୋଇ ଥିବା ବେଳେ ଝାରସୁଗୁଡା ରକ୍ତ ଭଣ୍ଡାର କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର କୁ ସଫଳ କରିଥିଲେ କ୍ଷ

## ଚୋରା କାଠ ସହ ଗାଡ଼ି ଜବତ

କେନ୍ଦୁଝର,ତା୧୩/୭- ଘର ଖଣ୍ଡେ କଲେ କାଠ କବାଟ ଚୌକାଠ ଦରକାର ହୁଏ । ତେଣୁ କେନ୍ଦୁଝର ପରି ବନ ସମୃଦ୍ଧ ଜିଲ୍ଲାରେ କଥା ମାଫିଆ ସକ୍ରିୟ ଘର ସରି ନଥିବ ସାମ୍ନୁଲ ଧରି ପହଞ୍ଚି ଯିବେ କାଠ କବାଟ ଫର୍ଣିଚରର ଭଳି କି ଭଳି ଡିଜାଇନ୍ । ଏହିପରି ଏକ କାଠ ମାଫିଆର ଡାଲା ଅଟୋ ଚୋରା କାଠ ଲୋଡ୍ କରି ପାଟଣା ବନାଞ୍ଚଳର ଡେଣୁଆ ରୁ କେନ୍ଦେଇପଶି ଆଡ଼କୁ ଆସୁଥିବା ବେଳେ ବନ ବିଭାଗ କର୍ମଚାରୀ କେନ୍ଦେଇପଶି ଛକ ନିକଟରେ ବନ କର୍ମଚାରୀମାନେ ଧରିଛନ୍ତି । ଉକ୍ତ ଡାଲା ଅଟୋରେ ମୋଟ ୧୦ ଖଣ୍ଡ ଶାଳ ଚୌକାଠ ଥିଲା ଯାହାର ଆନୁମାନିକ ମୂଲ୍ୟ ୧୬ ହଜାର ଟଙ୍କା ହେବ ।ବନ ବିଭାଗ କାଠ ସହ ଡାଲା ଅଟୋକୁ ମଧ୍ୟ ଜବତ କରିଛି ।ରେଞ୍ଜର ବନ ବିହାରୀ ସର୍ଦ୍ଦାର ନେତୃତ୍ୱରେ ଏହି ଚଢ଼ାଉ ରେ ବନ କର୍ମଚାରୀ ଏମ ଡି ଓ୍ୱାସିମ,ସଞ୍ଜୟ ମହାନ୍ତି,ତ୍ରିଲୋଚନ ମହାନ୍ତ,ଭାସ୍କର ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସମ୍ପନ୍ନ ହେଲା କେସିଙ୍ଗା ସମିତି ବୈଠକ ଯୋଗ ଦେଲେ ଲୋକସଭା ସାଂସଦ,ସଦର ବିଧାୟକ ଓ ନର୍ଲା ବିଧାୟକ

କେସିଙ୍ଗା କଳାହାଣ୍ଡି ଜିଲ୍ଲା ର କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ରେ ଥିବା ସଭା ଗୃହରେ କେସିଙ୍ଗା ବ୍ଲକ ର ସପ୍ତମ ସମିତି ବୈଠକ ଇତିମଧ୍ୟରେ ରେ ଅନୁଷ୍ଠିତ




ହୋଇଯାଇଛି ।କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଳାହାଣ୍ଡି ସାଂସଦ ମାଳବିକା ସିଂଦେଓ, ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଓ ନର୍ଲା ବିଧାୟକ ମନୋରମା ମହାନ୍ତି ଯୋଗ ଦେଇ ଥିଲେ ।ଶିକ୍ଷା ,ସ୍ୱାସ୍ଥ୍ୟ,କୃଷି , ପାନୀୟଜଳ ଓ ଗ୍ରାମାଞ୍ଚଳ ର ଗମନାଗମନ ଉପରେ ବିଶେଷ ଆଲୋଚନା ହୋଇଥିଲା ।ବୈଠକ ରେ ଅଞ୍ଚଳ ର ବିଭିନ୍ନ ବିଭାଗର ଅଧିକାରୀ ମାନେ ମଧ୍ୟ ଯୋଗଦେଇ ଥିଲେ ।କଳାହାଣ୍ଡି ସାଂସଦ ମାଳବିକା ସିଂଦେଓ ଉପସ୍ଥିତ ଅଧିକାରୀ ମାନଙ୍କୁ ସରପଞ୍ଚ ମାନେ ଯାହାବି ଅଭିଯୋଗ ସମସ୍ୟା ଆଣିଲେ ଯଥା ଶୀଘ୍ର ସମାଧାନ କରିବା ପାଇଁ ତାଗିଦ୍ କରିଥିଲେ । ଓ ନିୟମ ଅନୁସାରେ ତିନି ମାସରେ ଥରେ ସମିତି ବୈଠକ କରିବାକୁ ଜୋର୍ ଦେଇ ଥିଲେ ।ସେହିପରି ସଦର ବିଧାୟକ ସାଗର ଚରଣ ଦାସ ଓ ନର୍ଲା ବିଧାୟିକା ମନୋରମା ମହାନ୍ତି ମଧ୍ୟ ଅଞ୍ଚଳ ରେ ବିକାଶ ମୂଳକ କାର୍ଯ୍ୟ ଓ ଜନ କଲ୍ୟାଣ କାମକୁ ତ୍ୱରାନିତ କରିବା ପାଇଁ ଜୋର୍ ଦେଇଥିଲେ । ଏହି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ଉପାଧ୍ୟକ୍ଷା ରାଜଶ୍ରୀ ପଟ୍ଟନାୟକ, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଜି ଡି ପି ଓ ଲମ୍ବୋଦର ସିକ୍କା ,ସମସ୍ତ ସରପଞ୍ଚ ,ସମିତି ସଭ୍ୟ/ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଜଣା ବ୍ୟକ୍ତି କ ମୃତ ଦେହ ଉଦ୍ଧାର



କେସିଙ୍ଗା କଳାହାଣ୍ଡି ଜିଲ୍ଲା ର କେସିଙ୍ଗା ବ୍ଲକ ର ଜଲକୋ ରାଜ ରାସ୍ତା ଏନ ଏଚ ୨୬ ସମ୍ମୁଖରେ ଜଲକୋ ନଦିଗର୍ଭ ଜଳାଶୟ ରେ ଅଜଣା ବ୍ୟକ୍ତି ଙ୍କ ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଛି କ୍ଷଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଂଚି ଶବ କୁ ଉଦ୍ଧାର କରିଥିବା ବେଳେ କେସିଙ୍ଗା ଥାନ ଅଧିକାରୀ ଘଟଣା ର ତଦନ୍ତ କରୁଛନ୍ତି ।

## ଜିଙ୍ଗଲ ବେଲ ପ୍ଲେ ସ୍କୁଲ ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଏଥିରେ ଯୋଗ ଦେଲେ



କେନ୍ଦୁଝର,ତା୧୩/୭- ମାଆ ଲାଗି ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ଏବେ ଚାଲିଛି । ଗଛ ରହିଲେ ଆମେ ରହିବା ଜୀବଜଗତ ବଞ୍ଚିଯିବ । ଏହି କଥାକୁ କୁନି ଛୁଆଙ୍କ ଠାରୁ ବୟସ୍କ ଲୋକେ ସମସ୍ତେ ଉପଲବ୍ଧି କରି ସାରିଲେଣି । ଗରମ ଲାଗି ସ୍କୁଲ ବନ୍ଦ ହେଉ ଥିବା ବେଳେ ବୟସ୍କ ଲୋକେ ଖରାରେ ଘରୁ ବାହାରି ପାରୁ ନାହାନ୍ତି । ଏହି କଥାକୁ ଲକ୍ଷ୍ୟ କରି କେନ୍ଦୁଝର ସହରରେ କୁନି ସ୍କୁଲ ଛୁଆ ଓ ବରିଷ୍ଠ ନାଗରିକ ମଂଚର ବୟୋଜ୍ୟେଷ୍ଠ ସଭ୍ୟମାନେ ଏକାଠି ହୋଇଥିଲେ । ସ୍ଥାନୀୟ ଜିଙ୍ଗଲ ବେଲ ପ୍ଲେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀମାନେ ନିଜ ଶିକ୍ଷୟିତ୍ରୀ ମାନଙ୍କ ସହ ପୁରୁଣା ସହର ନିକଟସ୍ଥ ସିଦ୍ଧମଠ ଯାଇ ଔଷଧୀୟ ବଗିଚାରେ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ କେନ୍ଦୁଝର ବରିଷ୍ଠ ନାଗରିକ ମଂଚର ସଦସ୍ୟମାନେ ଆସି ସେମାନଙ୍କ ସହ ଯୋଗ ଦେଇ ଗଛ ଲଗାଇ ଥିଲେ । ଛାତ୍ରଛାତ୍ରୀଙ୍କୁ ସେମାନେ ବୃକ୍ଷ ଲଗାଇବାର ମହତ୍ତ୍ୱ ସମ୍ପର୍କରେ କହି ବୁଝାଇ ଥିଲେ । କୁନି କୁନି ଛାତ୍ରଛାତ୍ରୀ ଛୋଟ ବେଳୁ ଏହିପରି ମହତ କାର୍ଯ୍ୟରେ ଯୋଗ ଦେଇ ଥିବାରୁ ଭବିଷ୍ୟତରେ ନିଶ୍ଚିତ ବହୁତ ଭଲ କାମ କରିବେ ସମସ୍ତେ ଆଶା କରିଛନ୍ତି ।

## ସରକାରଙ୍କ ଜବରଦଖଲ ଉଚ୍ଛେଦ ଚିଠି କୁ ନେଇ ଅସନ୍ତୋଷ

ଫୁଲବାଣୀ :ଲୋକେ ଶାସକ ବିଜେଡି ସରକାରକୁ ପ୍ରତ୍ୟାଖ୍ୟାନ କରି ବିଜେପି କୁ ଭୋଟ ଦେଇ ଜିତାଇଥିଲେ କ୍ଷ ହେଲେ ସରକାର ଗଠନ ର ମାସେ ନ ହେଉଣୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳ ଲୋକଙ୍କ ଜବରଦଖଲ ଉଚ୍ଛେଦ କରିବା ଲାଗି ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେବା ନେଇ ଜାଣିବା ପରେ ଫୁଲବାଣୀ ସମେତ ସମଗ୍ର ଜିଲାରେ ତୀବ୍ର ପ୍ରକ୍ରିୟା ପ୍ରକାଶ ପାଇଛି କ୍ଷ ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଚିଠି ନମ୍ବର ୨୧୮୫ ୫ ତା ୬ / ୭ / ୨୪ ରେ ଜିଲ୍ଲାପାଳ ମାନଙ୍କୁ ତୁରନ୍ତ ଜବରଦଖଲ ହଟାଇବା ଲାଗି କଡା ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଆଉ ସରକାର ଙ୍କ ନିର୍ଦ୍ଦେଶ ମାନି ଜିଲ୍ଲାପାଳ ଏ ସମ୍ପର୍କରେ ରାଜସ୍ୱ ବିଭାଗ ଅଧିକାରୀ ଙ୍କ ସହ ଆଲୋଚନା କରି ଜ୍ବବରଦଖଲ ରେ କେତେଜମି ରହିଛି ଆଉ କେତେ ଲୋକ ସମ୍ପୃକ୍ତ ଅଛନ୍ତି ସେ ନେଇ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳିଛି କ୍ଷ ଜବର ଦଖଲ ଉଚ୍ଛେଦ ନେଇ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଗଣ ମାଧ୍ୟମ ରୁ ଜାଣିବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତିକ୍ଷ ଖାଇବା ପିଇବା ଛାଡ଼ିଦେବା ସହ ରାତିରେ ଟିକେ ଶାନ୍ତିରେ ମଧ୍ୟ ଶୋଇପାରୁନୁ ବୋଲି କହିଛନ୍ତି କ୍ଷ ଏବେ ବର୍ଷା ଦିନ,କେତେବେଳେ ମୁଣ୍ଡ ଉପରୁ ଛାତ ଚାଲିଯିବ ଆଉ ଆମେ ପିଲାଛୁଆ ନେଇ ରହିବୁ କେଉଁଠି ବୋଲି ଚିନ୍ତାରେ ଅଛନ୍ତି କ୍ଷ କେହି କେହି ପୂର୍ବ ସରକାର ଗରିବ ଙ୍କୁ ଜମି ଓ ପଟା ଯୋଗାଇଦେଉଥିବାବେଳ ଏହି ସରକାର ଆସିବାର ମାସେ ନ ପୂରୁଣୁ ଭାଙ୍ଗିବାକୁ ବସିଛି କ୍ଷ ଭୋଟ ଦେଇ ସରକାର ବଦଳାଇ ମସ୍ତବଡ ଭୁଲ କଲୁ ବୋଲି କହି ପସ୍ତାଉଛନ୍ତି କ୍ଷ କିଛି ଭଲ କକ୍ଷମ କରିବ, ଚାକିରୀ ଦେବ, ଜବରଦଖଲ କାରି ଙ୍କୁ ପଟା ଦେବ ବୋଲି ଭାବିଥିଲୁ ହେଲେ ସବୁ ଓଲଟା ବୋଲି ଜବରଦଖଲକରି ମୁଣ୍ଡ ଗୁଂଜି ରହୁଥିବା ଲୋକେ କହିଛନ୍ତି କ୍ଷକୌଣସି ପରିସ୍ଥିତି ରେ ଜବରଦଖଲ କାରି ଙ୍କୁ ହଟକ୍ଷ ଇବାକୁ ଦିଆଯିବ ନାହିଁ ଏହାର ପ୍ରତିବାଦ କରାଯିବ, ଜିଲ୍ଲାବ୍ୟାପି ଆନ୍ଦୋଳନ ହେବ ବୋଲି ନାଗରିକ ସଂଗଠନ କହିଛି କ୍ଷଏ ନେଇ ଅତିଶୀଘ୍ର ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବ ବୋଲି ଜିଲ୍ଲା ସିଟିଜେନ ଫୋରମ ପକ୍ଷରୁ କୁହାଯାଇଛି କ୍ଷ

## ମଶାଣିର ମାଟିତଳୁ ଉଦ୍ଧାର ହେଲା ଗଳିତ ଶବ

ସିନାପାଲି )ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ଏକ ଚାଞ୍ଚଲ୍ୟକର ଘଟଣା ଦେଖ ?ବାକୁ ମିଳିଛି । ନିଜ ଝିଅର ମୃତ୍ୟୁ ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜାଣିବା ପାଇଁ ସିନାପାଲି ଥାନାରେ ମୃତକ ମହିଳାଙ୍କ ମା ଲିଖିତ ଅଭିଯୋଗ କରିବା ପରେ ଗାଁ ମଶାଣୀର ମାଟିତଳୁ ଗଳିତ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସିନାପାଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ପ୍ରକାଶଯୋଗ୍ୟ ଯେ, ସିନାପାଲି ବ୍ଲକ ଗୋଡାଳ ଗ୍ରାମପଞ୍ଚାୟତର ବ୍ରାହ୍ମଣପଡା ଗ୍ରାମର ମୀନା ମାଝିଙ୍କୁ ହୀରାପୁର ଗ୍ରାମର ଅନୁରାମ ମାଝି ୮ ବର୍ଷ ତଳେ ସାମାଜିକ ରୀତିନୀତି ଅନୁସାରେ ବିବାହ କରିଥିଲେ । ହେଲେ କୌଣସି କାରଣରୁ ମୀନା ମାଝିଙ୍କ ମଙ୍ଗଳବାର ଦିନ ମୃତ୍ୟୁ ଘଟିଥିଲା । ସେହି ରାତିରେ ଗାଁ ମଶାଣୀରେ ଶବ ପୋତା ଯାଇଥିଲା । ହେଲେ ଏହି ଘଟଣାକୁ ମୃତକ ମହିଳାର ମା' ସନ୍ଦେହ ପ୍ରକାଶ କରି ସିନାପାଲି ଥାନାରେ ଅଭିଯୋଗ କରିଥିଲେ । ମାଜିଷ୍ଟ୍ରେଟ ଉପସ୍ଥିତିରେ ଶବ ବାହାର କରାଯାଇ ପ୍ରଥମେ ଭବାନୀପାଟଣା ଓ ପରେ ବଲାଙ୍ଗୀର ପରୀକ୍ଷାଗାରକୁ ପଠାଯାଇଥିବା ପୁଲିସ ପ୍ରକାଶ କରିଛି । ଗୁରୁବାର ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ସିନାପାଲି ବିଡ଼ିଓ ଅବିନାଶ ଲାକ୍ରା, ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କ ଉପସ୍ଥିତିରେ ଭବାନୀପାଟଣା ସାଇଣ୍ଟିଫିକ ଦଳ ପହଞ୍ଚି ଶବ ଉଦ୍ଧାର କରିଥିଲେ । କିନ୍ତୁ ମୃତ୍ୟୁର ପ୍ରକୃତ କାରଣ ଏ ଯାଏଁ ଜଣାପଡ଼ି ନାହିଁ ।ଅଭିଯୋଗକୁ ଭିତ୍ତି କରି ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପୁଲିସ ସୂତ୍ରରୁ ପ୍ରକାଶ । ମୃତ ମହିଳାଙ୍କ ସ୍ୱାମୀ କାମ ଅନ୍ୱେଷଣରେ ଗୋଆକୁ ଚାଲି ଯାଇଥିବା ବେଳେ ଗାଁକୁ ଫେରୁଥିବା ଜଣାପଡ଼ିଛି । ମୃତକ ମହିଳାଙ୍କ ଏକ ୭ ବର୍ଷର ପୁଅ ଥିବା ଜଣାପଡ଼ିଛି ।

## ବଲାଙ୍ଗୀର ଜିଲ୍ଲା ଖଗସା ଗାଁର ସଞ୍ଜୟ ବେହେରା ପାଟଦରା ଘଞ୍ଚ ଜଙ୍ଗଲ ରୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ମୃତ୍ୟୁ



ନୂଆପଡା ବୋଡ଼େନ ଥାନା ଭଇଁସାଦାନି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ହଜାର ହଜାର ଫୁଟ ଉପରେ ରହିଥିବା ମଥାନ ଘାଟିରେ ଆଜି ଏକ ମୃତ ଦେହ ଠାବ କରିଛି ବୋଡ଼େନ ପୋଲିସ ସୂଚନା ଅନୁଯାୟୀ ସେ କୌଣସି ଏକ କାର୍ଯ୍ୟରେ ପାଟଦରା ଗ୍ରାମକୁ ଯାଇଥିଲେ । ସେଥିରେ ତାଙ୍କ କାର୍ଯ୍ୟ ସାରି ଆସୁଥିବା ସମୟରେ ଉକ୍ତ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ଦୁର୍ଘଟଣା ଘଟିଥିବାର କିଛି ସମୟ ପରେ ସ୍ଥାନୀୟ ଲୋକେ ଜାଣି ପାରି ବୋଡ଼େନ ପୋଲିସ ଓ ବୋଡ଼େନ ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେବା ପରେ ସବ ଜବତ କରି ବୋଡ଼େନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖା ଯାଇଥିବା ଜଣା ପଡିଛି । ମୃତକ ବ୍ୟକ୍ତି ଜଣକ ହେଉଛନ୍ତି ବଲାଙ୍ଗୀର ଜିଲ୍ଲା ତୁରକେଲା ବ୍ଲକ ଖଗସା ଗ୍ରାମର ସଞ୍ଜୟ ବେହେରା ବୋଲି ତାଙ୍କ ପାଖରେ ରହିଥିବା ଭୋଟ ପରିଚୟ ପ୍ରମାଣ ପତ୍ରର ଆଧାରରେ ଜଣା ପଡ଼ିଛି । ଯାହା ଫଳରେ ବୋଡ଼େନ ପ୍ରଶାସନ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗକୁ ଖବର ଦେଇଥିବା ଜଣା ପଡ଼ିଛି ।

## ପାଟଦରା ମଥାନ ପାହାଡ଼ ଘାଟି ପାଖ ଟର୍ଣିଂ ରେ ଭାରସାମ୍ୟ ହରାଇ ୪୦ ଫୁଟ ଘାଟି ତଳକୁ ଖସି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ

ଖଡିଆଳ - ନୂଆପଡା ଜିଲ୍ଲା ବୋଡେନ ଥାନା ଅନ୍ତର୍ଗତ ଭଇଁଷାବାନି ପଂଚାୟତ ପାଟଦରା ଘାଟି ମଥାନ ପାହାଡ ଟର୍ଣିଂରେ ଜଣେ ବାଇକ ଆରୋହୀଙ୍କ ଭାରସାମ୍ୟ ହରାଇ ୪୦ ଫୁଟ ଘାଟି ତଳକୁ ଖସି ପଡିବା ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ବଲାଙ୍ଗିର ଜିଲ୍ଲା ମାନ୍ଦାଲା ପଂଚାୟତ ଖୋକସା ଗାଁର ସଞ୍ଜୟ ବେହେରା (୩୪) । ପକେଟରେ ଥିବା ଭୋଟ ପରିଚୟ ପତ୍ରରୁ ଠିକଣା ଜଣା ପଡିଛି । ସୂଚନା ମୁତାବକ ଗୁରୁବାର ସଞ୍ଜୟ କୌଣସି କାମରେ ପାଟଦରା ଗାଁ କୁ ଯାଇ ସନ୍ଧ୍ୟାରେ ଫେରିଥିଲେ । ସେହି ସମୟରେ ପାଟଦରା ଘାଟି ମଥାନ ପାହାଡ ଉପର ଟର୍ଣିଂ ପାଖରେ ଭାରସାମ୍ୟ ହରାଇ ୪୦ ଫୁଟ ତଳକୁ ଖସି ଏକ ପଥର ଉପରେ ପଡିଥିଲେ । ହେଲେ ଲୋକେ ଦେଖ ?ିବା ବେଳ କୁ ମୃତ୍ୟୁ ହୋଇ ଯାଇଥିଲା । ରାତ୍ରି ସମୟ ହୋଇ ଥିବାରୁ କେହି ଜାଣି ପାରିଲେ ନାହିଁ । ଶୁକ୍ରବାର ସକାଳେ ସେହି ରାସ୍ତା ଦେଇ କିଛି ଲୋକ ଆସୁଥିବା ବେଳେ ଏହା ଦେଖି ବୋଡେନ ପୋଲିସକୁ ଖବର ଦେଇଥିଲେ । ବୋଡେନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳକୁ ପହଂଚି ମୃତ ଦେହ ଉଦ୍ଧାର କରିଥିଲେ । ପରିବାର ଲୋକ ପହଞ୍ଚି ନ ଥିବାରୁ ଗତ କାଲି ସବ ବ୍ୟବଚ୍ଛେଦ ହୋଇପାରିନି ଫଳରେ ମୃତଦେହ ବୋଡେନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପଡି ରହିଛି । ଆଜି ପରିବାର ଲୋକ ପହଂଚିଲେ ଶବ ବ୍ୟବଛେଦ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି । ମୃତଦେହ ଉଦ୍ଧାର ସମୟରେ ବୋଡ଼େନ ଥାନା ସବଇନ୍ସପେକ୍ଟର ମଞ୍ଜୁଲତା ଖେଡେଙ୍ଗା,ଓ ଧରଣୀଧର ଦାସ, ହାବିଲଦାର କୃତିବାସ ପାନ, କନେଷ୍ଟେବଳ ମୋହନ ଶବର ତଥା ଅଗ୍ନିଶମ ବିଭାଗ ର ହାବିଲଦାର ସୁରୁଚି ପ୍ରଧାନ, ସୁନୀଳ କୁମାର ବେହେରା, ଫାୟାରମେନ୍ ଦିଲେ ଜାନି,ପିତାମ୍ବର ଭୋଇ, ପିତାମ୍ବର ଜଗଦଳା ପ୍ରମୁଖ ଦୀର୍ଘ ସମୟ ଅକ୍ଳାନ୍ତ ପରିଶ୍ରମ କରି ଘାଟି ତଳରୁ ମୃତଦେହ ଉଦ୍ଧାର କରିଥିଲେ ।

## ଜିଲ୍ଲାପରିଷଦ ବୈଠକ ରେ ଅସାଧୁ ଅଧିକାରୀଙ୍କ ଉପରେ ଗର୍ଜିଲେ ସାଂସଦ,ଓ ବୈଠକରେ ମୁନା ଖାଁ ଅମାନିଆ ଅଧିକାରୀଙ୍କୁ ବିଜୁ ବାବୁଙ୍କ ମାଡ଼ ମାରିବା କଥା ମନେପ କାଇଥିଲେ

ନବରଙ୍ଗପୁର ପରିଷଦ ବୈଠକ ବୁଧବାର ରାଜୀବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କିଛି ସରକାରୀ ବାବୁଙ୍କ କାର୍ଯ୍ୟକଳାପ ଓ ଲୋକ ପ୍ରତିନିଧିଙ୍କୁ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ସଠିକ ତଥ୍ୟ ଦେଇନପାରିବା କାରଣରୁ ସଂପୃକ୍ତ ଅଧିକାରୀଙ୍କୁ କାଠଗଡାକୁ ଟାଣିଥିଲେ ଲୋକପ୍ରତିନିଧି। ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ବେଳେ ରାଜ୍ୟସଭା ସାଂସଦ ମୁନା ଖାଁଙ୍କ ବିଜୁ ବାବୁ ମାଡ ତତ୍ତ୍ୱ ସମସ୍ତଙ୍କୁ ଚକିତ କରିଥିଲା । ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ଖାଁ କଥା ଛଳରେ ବିଜୁ ବାବୁଙ୍କ ଅଧିକାରୀଙ୍କୁ ମାଡ ମାରିବା ବୟାନକୁ ସ୍ମରଣ କରି ଅସାଧୁ ଓ ଅମାନିଆ ଅଧିକାରୀଙ୍କୁ ସାବାଡ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟପକ୍ଷରେ ସାଂସଦ ଶ୍ରୀ ଖାଁଙ୍କ ମନ୍ତବ୍ୟକୁ ସମସ୍ତ ସଦସ୍ୟ ତାଳି ବଜାଇ ସ୍ୱାଗତ କରିଥିଲେ । ପୂର୍ବ ସରକାର ଅମଳରେ ପିସି କାରବାର ସୀମାପାରି କରିଥିବା ବେଳେ ଦଳୀୟ ନେତା ଲୋକ ପ୍ରତିନିଧି ସରକାରୀ ଅଧିକାରୀଙ୍କ ବୋଲକରା ପାଲଟିଥିବା ନେଇ ଚର୍ଚ୍ଚା ହେଉଥିଲା । ସେତେବେଳେ ବିଜେଡି ନେତୃତ୍ୱ ବିଜୁ ବାବୁଙ୍କ ମାଡ ତତ୍ତ୍ୱ ଭୁଲିଯାଇଥିବାବେଳେ ଏବେ ବିଜେପି ସରକାର ଆସିବା ପରେ କେମିତି




ମନେପଡିଗଲା ତାହା ଏବେ ତାଜୁବ କରିଛି ।ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଂସଦ ବଳଭଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୋରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି ରମେଶ ସାହୁ,ଉପାଧ୍ୟକ୍ଷା ଲିପିକା ବାରୋଇ, ରାଜ୍ୟସଭା ସାଂସଦ ମୁନା ଖାଁ, ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ ପ୍ରମୁଖ ମଞ୍ଚାସୀନ ଥିଲେ । ତେବେ ବିଭିନ୍ନ ବିଭାଗର ଉନ୍ନୟନ କାମର ସମୀକ୍ଷା ବେଳେ ସଦସ୍ୟଙ୍କ ପ୍ରଶ୍ନର ସଠିକ ଉତ୍ତର ରଖିପାରିନଥିଲେ ବିଭାଗୀୟ ଅଧିକାରୀ। ବିଧାୟକ ଗୌରୀଶଙ୍କର ମାଝୀ ମିଲେଟ ମିଶନ ପାଇଁ ବାହାର ରାଜ୍ୟରୁ ଆସିଥିବା ମାଣ୍ଡିଆଓ ଗାଡି ଜବତ ସମ୍ପର୍କରେ ପ୍ରଶ୍ନ କରିଥିଲେ ମଧ୍ୟ ଉତ୍ତରରେ ସନ୍ତୁଷ୍ଟ ହୋଇନଥିଲେ । କୃଷି ବିଭାଗ, ଯୋଗାଣ ବିଭାଗ ଅଧିକାରୀ ମାମଲା ଉପରେ ପରଦା ଢାଙ୍କିବା ଭଳି ଉତ୍ତର ରଖିଥିଲେ କ୍ଷ ସେଭଳି ନବରଙ୍ଗପୁର ଜିଲ୍ଲାରେ ଗୋଲମରିଚ ଉଦ୍ୟାନ କେଉଁଠି ଚାଷ ହେଉଛି ବଲି ପ୍ରଶ୍ନ କରିଥିଲେ କରିଥିଲେ ସାଂସଦ ଭଲଭଦ୍ର ମାଝୀ ପ୍ରଶ୍ନର ସଠିକ ଉତ୍ତର ଦେଇପାରିନଥିଲେ ଅଧିକାରୀ କ୍ଷ ବିଭିନ୍ନ ବିଭାଗର କର୍ମଚାରୀ ନିଜ ଅଞ୍ଚଳରେ ରହୁନଥିବା ଓ ଆବଶ୍ୟକ ସମୟରେ ଫନ ଉଠାଉନଥିବା ଅଭିଯୋଗ ହଇଥିଲା ଲବୈଠରେ ଉପସ୍ଥିତ ଅଧିକାରୀ ଙ୍କଉତ୍ତର ଉପରେ ବିରକ୍ତି ପ୍ରକାଶ କରିଥିଲେ ସାଂସଦ ଶ୍ରୀ ଭଲଭଦ୍ର ମାଝୀ ତାସହ ବିଭଗୀୟ ପ୍ରକଳ୍ପ ଅଧିକାରୀଙ୍କ ରିପୋର୍ଟ ସଠିକ ଲୋକ ପ୍ରତିନିଧିଙ୍କୁ ମିଳୁନଥିବା ନେଇ ବୈଠକରେ ଗର୍ଜିଥିଲେ ଲକୋ ପ୍ରତିନିଧିଙ୍କ ଭିତରେ ଅସନ୍ତୋଷକୁ ଜିଲ୍ଲାପାଳ ଡ଼ଃ କୋମଳ ଲଚନ ମିଶ୍ର ତାଳି ବଜାଇ ବିଭଗୀୟ ଅଧିକାରୀଙ୍କ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଥିଲା

## ସଂରକ୍ଷିତ ଜଙ୍ଗଲ ଜମିରେ ଚାରା ରୋପଣ ଠପ୍ ଧର୍ମଗଡ

: କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଚିଲିଚି ଲା ସଂରକ୍ଷିତ ସିଶୋ ଜଙ୍ଗଲରେ ନୂତନ ଭାବେ ଚାରା ରୋପଣ କୁନେଇ ଅନେକ ଥର ଜଙ୍ଗଲ ଜମିକୁ ପରିଦର୍ଶନ କରିଥିଲେ ସୁଦ୍ଧା କିଛି କାମକୁ ଆସୁନି । ବିଗତ ୨୦୨୨/୨୩ରେ ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା ସର୍ ଜମିନ ତଦନ୍ତ କରି ବନ ଅଧିକାରୀ ଭବାନୀ ଶଙ୍କର କୁଆର କୁ ନିର୍ଦ୍ଦେଶ ଦେଲେ । ହେଲେ ଶ୍ରୀ କୁଆର କହିଥିଲେ ଏ ବର୍ଷ ବଜେଟ ନାହିଁ ଆସନ୍ତା ଜୁନ ମାସରେ ବୃକ୍ଷ ରୋପଣ ହେବ କିନ୍ତୁ ହୋଇପାରିଲା ନାହିଁ। ଚଳିତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହ ରେ ସ୍ଥାନୀୟ ତହସିଲଦାର ସଞ୍ଜୟ ସାମନ୍ତ ରାଏ ଏକ ରାଜସ୍ୱ ଟିମ୍ ଓ ବନାଧିକାରୀ ରେଞ୍ଜର, ଫରେଷ୍ଟର ସମେତ ଛିଲିଚିଲା ଗ୍ରାମର ସମାଜସେବୀ ସତ୍ୟବାନ୍ ନାୟକ ,ପ୍ରଶାନ୍ତ ନାୟକ, ସାମ୍ବାଦିକ ଢଗ ନାୟକ, ଯାଇ ଜାଗା ଚିହ୍ନଟ କରି ଚାରା ରୋପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଅଗ୍ରଧିକାର ବନବିଭଗୀୟ ନେଇ ନଥିବାରୁ ଚିଲିଚିଲା ଗ୍ରାମବାସୀ କ୍ଷୁବ୍ଧ ପ୍ରକାଶ କରିଛନ୍ତି। ଚିଲିଚୀଲା ଗ୍ରାମର ପ୍ଲଟ ନମ୍ବର ୬୦୧,୬୦୫ ଖାତା ନମ୍ବର ୪୦୫, ମୋଟ ରକବା ୮୧୩,ଓ ୪୫ ଦୁଇଟି ପ୍ଲଟ ମିଶି



ଏ,୮୫୮ ଡିସିମିଲ ଜମିକୁ ଜବରଦଖଲ ଉଚ୍ଛେଦ କରି ଉକ୍ତ ଜାଗାକୁ ଚାରା ରୋପଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚିଲି ଚିଲା ଗ୍ରାମବାସୀ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। କାରଣ ଉକ୍ତ ଜାଗାକୁ ଲାଗି ତେଲ ନଦୀ ପ୍ରବାହିତ ହେଉଛି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉକ୍ତ ଗ୍ରାମ୍ୟ ଜଙ୍ଗଲ ଜାଗାକୁ ନିଜ କବଜାରେ ରଖି ନଦୀ ପଟା ର ଗଛ କାଟି ଦେଉଛନ୍ତି ।ଗ୍ରାମ୍ୟ ଜଙ୍ଗଲ ଜମି ରୁ ପ୍ରତି ବର୍ଷ ଲକ୍ଷ୍ୟ,ଲକ୍ଷ୍ୟ ଇଟା ତିଆରି କରିବା ମାଟି ବିକ୍ରି କରିବା ଯୋଗୁଁ ନଦୀ ଅତଡ଼ା ଖସି ସ୍ଥାନୀୟ ଚାଷ ଜମିରେ ବଢ଼ି ପାଣି ମାଡ଼ିଯିବା ଫଳରେ ଅନେକ କ୍ଷତି ସହିବାକୁ ପଡୁଛି। ଏପରି କେତେକ ଚାଷୀ ଏହି ଜଙ୍ଗଲ ଜମିକୁ ଦେଇ ଯିବା ,ଆସିବା କରିବା ସମୟରେ ମାଟି ମାଫିଆ ଗାଳି ଗୁଲଜ ମଧ୍ୟ କରିବାକୁ ପଛାଉ ନାହାନ୍ତି। ଏଣୁ ପ୍ରଶାସନ ଓ ବନଖଣ୍ଡ ଅଧିକାରୀଙ୍କ ତରଫରୁ ଉକ୍ତ ଜାଗାକୁ ଚାରା ରୋପଣ କରିବାକୁ ଚିଲି ଚିଲା ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଧର୍ମଗଡ଼ ଶିଶୁ ବିକାଶ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନାହିଁ : ମିଶନ ଶକ୍ତି ଗୃହରେ ଚାଲିଛି କାର୍ଯ୍ୟ

କଳାହାଣ୍ଡି, :ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ୟତମ । ବିଭାଗ ମାଧ୍ୟମରେ ସମ୍ବେଦନଶୀଳ ଭଳି ସେବା ନିବୃତ୍ତ ରହିଥାଏ । ଜନ୍ମରୁ ୬ବର୍ଷ ଶିଶୁ, ଗର୍ଭବତୀ, ପ୍ରସୂତି, କିଶୋରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛି ବିଭାଗ । ହେଲେ ଏଭଳି ଗୁରୁତ୍ୱ ବିଭାଗକୁ ଖୋଦ୍ ସରକାରୀସ୍ତରରେ ଅଣଦେଖା କରାଯିବା ଭଳି ଅଭିଯୋଗ ହେଉଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସ୍ଥିତ ସମନ୍ୱିତ ଶିଶୁ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନଥିବା ନେଇ ସାଧାରଣରେ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ଗତ ୧୯୯୨ ମସିହାରେ ଧର୍ମଗଡ଼ ବ୍ଲକରେ ଶିଶୁ ବିଳାଶ ପ୍ରକଳ୍ପ ପ୍ରତିଷ୍ଠିତ ହୋଇ ଓ ୧୯୯୩ ମସିହାରୁ କାର୍ଯ୍ୟକ୍ଷମ ହୋଇଥିଲା । ସେତେବେଳେ ବ୍ଲକ ପରିସରରେ ଏକ ଛୋଟ କଠୋରୀ ମଧ୍ୟରେ କାର୍ଯ୍ୟାଳୟ ଦୀର୍ଘ ୨-୩ ବର୍ଷଧରି ପରିଚାଳନା ହୋଇଥିଲା । ପରବର୍ତ୍ତୀ ସମୟରେ ଧର୍ମଗଡ଼ କୋର୍ଟ ପାଚେରୀ ସମ୍ମୁଖରେ ଶିଶୁ ବିକାଶ କାର୍ଯ୍ୟାଳୟ ନିର୍ମାଣ ଗତ ୧୯୯୪ ମସିହାରେ ନିର୍ମାଣ କରାଯାଇଥିଲା । ହେଲେ ମୂଳରୁ କାର୍ଯ୍ୟାଳୟ ନିର୍ମାଣରେ ନିମ୍ନମାନର କାମ ହୋଇଥିବା ଯୋଗୁଁ ଅଳ୍ପଦିନ ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାକୁ ଫେରି ଆସିଥିଲା । ତେବେ ବିପଦସଂପନ୍ନ ଭାବେ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ଦୀର୍ଘଦିନରୁ କାର୍ଯ୍ୟ କରିଆସୁଥିଲେ । ଶେଷରେ ଗତ ୨୦୨୨ମସିହା ବେଳକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାକୁ ଫେରି ଆସିବା ପରେ ବିଭାଗ ମିଶନଶକ୍ତି ଗୃହରେ ରହି ଆଜିଯାଏ କାର୍ଯ୍ୟ କରିଆସୁଛି । ତେବେ ନୂତନ କାର୍ଯ୍ୟାଳୟ ନିର୍ମାଣ ବାବଦକୁ ନେଇ ଶିଶୁ ବିକାଶ ଅଧିକାରିଣୀ ସୁଚାରିତା ମହାପାତ୍ର ଉଚ୍ଚ କର୍ତ୍ତୃପକ୍ଷ ଓବିଡ଼ିଓଙ୍କୁ ବାରମ୍ବାର




ଜଣାଇଥିଲେ ମଧ୍ୟ ଆଜିଯାଏ ବ୍ୟବସ୍ଥା ହୋଇ ପାରିନଥିବା ନେଇ କ୍ଷୁବ୍ଧ ପ୍ରକାଶ କରିଛନ୍ତି । ସେଭଳି ଧର୍ମଗଡ଼ ଶିଶୁ ବିକାଶ ବିଭାଗ ଅଧୀନରେ ରହିଥ ?ିବା ମୋଟ ୧୯୪ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୫୪ଟି କେନ୍ଦ୍ର ନିଜସ୍ୱ ରହିଥ ?ିବା ବେଳେ ୩୬ଟି ଭଡ଼ା, ୩ଟି କମ୍ୟୁନିଟି ଓ ଗୋଟାଏ ସ୍କୁଲ ବିଲଡିଙ୍ଗରେ କେନ୍ଦ୍ର ପରିଚାଳନା ହେଉଛି । ସେଭଳି ୧୫୫ଟି ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ପାଇଁ ସରକାରୀ ଫଣ୍ଡ ଆସିଥିଲେ ସୁଦ୍ଧା ବର୍ତ୍ତମାନ ୪୦ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋପାରିଥିବା ବେଳେ ୨୦ଟିରେ ଅଧାରୁ କାମ ଅଟକି ରହିଛି । ଅନ୍ୟପଟେ ନୂତନ ଭାବେ ଶିଶୁ ବିକାଶ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ଠାରୁ ଅନୁମୋଦନ ହୋଇ ଟଙ୍କା ଆସିଛି ସତ ହେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅବହେଳା ଯୋଗୁଁ ଆଜି ଯାଏ ନିର୍ମାଣ ହୋଇ ପାରି ନଥିବା ଅଞ୍ଚଳରେ ସମାଲୋଚନା ହେଉଛି । ଖୋଦ୍ ସରକାରୀ ଅଧିକାରୀଙ୍କ ସରକାରୀ ବିଭାଗ ପ୍ରତି ଅବହେଳା ପ୍ରଦର୍ଶନ କରିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ଶିଶୁ ବିକାଶ ଅଧିକାରୀ ସୁଚାରିତା ମହାପାତ୍ର ଯେବେ ଠୁଁ ଧର୍ମଗଡ଼ ବ୍ଲକରେ ଯୋଗ ଦେଇଛନ୍ତି ସେବେ ଠୁଁ ବିଭାଗ ଅଧୀନରେ ହେଉଥିବା ସେବାଗୁଡିକ ତ୍ୱରାନ୍ୱିତ ଭାବେ ପରିଚାଳନା ହୋଇପାରୁଛି । ଏପରିକି ତାଙ୍କ ଅବଧାନରେ ବିଶେଷ ଭାବେ ପୁଷ୍ଟି ସାଧନା ପ୍ରତି ଗୁରୁତ୍ୱ ଦେଇଥିବାବେଳେ -ଗର୍ଭବତୀ ପ୍ରସୂତି ଓ ଜନ୍ମଗତ ଶିଶୁଙ୍କ ମୃତ୍ୟୁ ହ୍ରାସ ପାଇଛି । ଶିଶୁ ବିଭାଗ ଅଧୀନରେ ବ୍ଲକରେ ମୋଟ ୧୦୮୧ଜଣ ଗର୍ଭବତୀ, ୯୧୦ ପ୍ରସୂତି, ୬ ମାସରୁ ୩ବର୍ଷ ଶିଶୁ- ୫୫୬୦ଜଣ ଓ ୩ବର୍ଷରୁ-୬ବର୍ଷ ଶିଶୁ ୮୦୭୦ଜଣ ରହିଛନ୍ତି । ତେବେ ଏଭଳି ଗୁରୁତ୍ୱ ବିଭାଗ ପ୍ରତି ଅବହେଳା ପ୍ରଦର୍ଶନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି । ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନଥିଲା ।

# ଅଧପନ୍ତରିଆ ଭାବେ ପଡିରହିଛି ନୂଆଗାଁ ରେଳ ଷ୍ଟେସନ ରାସ୍ତା

ନୂଆଗାଁ ବ୍ଲକ୧୩/୦୭/୨୦୨୪ : ନୂଆଗାଁ ରେଳ ଷ୍ଟେସନର ଶୁଭାରମ୍ଭକୁ ଇତି ମଧ୍ୟରେ ୨ ବର୍ଷ ପୂରି ସାରିଛି । ହେଲେ ଏହି ଷ୍ଟେସନକୁ ଯିବା ଆସିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରୁନାହିଁ । ଯାହାଦ୍ୱାରା ଯାତ୍ରୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ମୁତାବକ, ୫୭ ନମ୍ବର ଜାତୀୟ ରାଜପଥ ମୁଦୁରାଙ୍ଗ ଠାରୁ ନୂଆଗାଁ ରେଳ ଷ୍ଟେସନକୁ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ନିର୍ମାଣ ଚାଲିଛି । ହେଲେ ଆଜି ପର୍ଯ୍ୟନ୍ତ ତାହା ଶେଷ ହେବାର ନାଁ ଧରୁନାହିଁ । ଅଧା ରାସ୍ତା କଂକ୍ରିଟ ହୋଇଥିବା ବେଳେ ଆଉ ଅଧା ରାସ୍ତାରେ



କେବଳ ଡଷ୍ଟ ଗୁଣ୍ଡ ପକାଇ ଛାଡି ଦିଆଯାଇଛି । ପ୍ରାୟ ୧ ବର୍ଷ ପାଖାପାଖି ଏହି ରାସ୍ତା ଏଭଳି ଭାବେ ପଡି ରହିଛି । ରେଳ ବିଭାଗର ଅଧିକାରୀ ମାନେ ଏହି ରାସ୍ତା ଦେଇ ବିଭିନ୍ନ ସମୟରେ ଯିବା ଆସିବା କରୁଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପ୍ରତି ସେମାନେ ଦୃଷ୍ଟି ଦେଉନାହାଁନ୍ତି । ଏହି ରାସ୍ତା ଦେଇ ଯାତ୍ରୀ ମାନେ ଯିବା ଆସିବା କରୁଥିବା ହେତୁ ଏ ଦିଗରେ ରେଳ ବିଭାଗ ବିଶେଷ ଭାବେ ଦୃଷ୍ଟି ଦେବା ସହିତ ବଳକା ଥିବା ରାସ୍ତାକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଟଙ୍କା ପାଇଁ ମାଁ ବାପାଙ୍କ ପାଖରେ ନିଜ ଅପହରଣ ର ଅଭିନୟ କଲା ପୁଅ ବୈକୁଣ୍ଠ ନୂଆପଡ଼ା ପୋଲିସ କଲା ପର୍ଦ୍ଦାଫାଶ



ନୂଆପଡା ୧୪.୦୭ ଜୋଙ୍କ ଥାନା ଅନ୍ତର୍ଗତ ବୋଇରଭାଡ଼ି ଗାଁର ୩୫ ବର୍ଷୀୟ ବୈକୁଣ୍ଠ ନାୟକଙ୍କ ଅପହରଣ ହୋଇଥିବା ଏକ ଭିଡିଓ ତାଙ୍କ ପରିବାର ବର୍ଗଙ୍କୁ ଆସିଥିଲା ଚଳିତ ମାସ ୮ ତାରିଖରେ ୬ ତାରିଖରୁ ବୈକୁଣ୍ଠ ନିଜ ଘରୁ କୁଆଡେ ଚାଲିଯାଇଥିଲେ । ଭିଡିଓ ଆସିବା ପରେ ପରିବାର ବର୍ଗ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନୂଆପଡା ଏସପି ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ଗୁରୁଦେବ କର୍ମୀଙ୍କ ନେତୃତ୍ୱରେ ଏସ ଆଇ ଅରବିନ୍ଦ ମେହେର ଓ ସାଥି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଘାଟଣର ତଦନ୍ତ କରିଥିଲେ । ତେବେ ପ୍ରକାଶ ଜେ ବୈକୁଣ୍ଠ କିଛି ବର୍ଷ ଆଗରୁ ଅନ୍ୟ ଜାତିର ମହିଳାଙ୍କୁ ପ୍ରେମ ବିବାହ କରିଥିଲେ । ତେଣୁ ତାଙ୍କୁ ପରିବାର ବର୍ଗ ତରଫରୁ କୌଣସି ଆର୍ଥିକ ସହାୟତା ମିଳି ନ ଥିଲା । ଅର୍ଥ ଅଭାବରୁ ପାରିବାରିକ ଜୀବନରେ ବିଭିନ୍ନ ଅସୁବିଧା ମଧ୍ୟ ହେଉଥିଲା ।ଏପଟେ ତାଙ୍କ ବାପା ବୈକୁଣ୍ଠଙ୍କ ଭାଇଙ୍କ ପାଇଁ ସବୁ ପ୍ରକାରର ଆର୍ଥିକ ସହଯୋଗ କରିବାର ଜାଣି ପାରି ସବୁବେଳେ ଦୁଃଖଭାବ ମନ ଭିତରେ ରଖୁଥିଲେ । ସଂଚୟ ଥିବା ଟଙ୍କା ସବୁ ବେଶୀ ଟଙ୍କା ପାଇବାର ଆଶାରେ ବିଭିନ୍ନ ଅନଲାଇନ ଗେମ ମାଧ୍ୟମରେ ସରେଇ ଦେଇ ଥିଲେ । ନିଜର ପରିବାର ବର୍ଗରୁ ଟଙ୍କା ପାଇବାର ଆଶାରେ ବୈକୁଣ୍ଠ ନିଜର ସାଙ୍ଗ ଦୁର୍ଗେସ ବାଗ ଓ ଅନ୍ୟ ୪ ଜଣ ବନ୍ଧୁଙ୍କ ସହିତ ମିଶି ନିଜର ଅପହରଣର ଯୋଜନା ପ୍ରସ୍ତୁତ କରିଥିଲା ନିଜର ଅପହରଣର ଯୋଜନାରେ ବୈକୁଣ୍ଠ ଯୋଜନା ମୁତାବକ ନିଜ ଘରୁ ହଠାତ ଚାଲି ଯାଇ ତାଙ୍କର ବନ୍ଧୁଙ୍କ ସହଯୋଗରେ ତାମିଲନାଡୁର ଏକ ବିସ୍କୁଟ ଫେକ୍ଟ୍ରି ପାଖ ଅଂଚଳରେ ରହି ନିଜର ଅପହରଣ ହୋଇଥିବାର କିଛି ଭିଡିଓ କରି ନିଜର ପରିବାର ବର୍ଗଙ୍କୁ ପଠାଇ ଥିଲା ।ବଦଳରେ ବୈକୁଣ୍ଠ ନିଜ ପରିବାର ବର୍ଗଙ୍କ ଠାରୁ ଟଙ୍କା ପାଇବାର ଆଶା ବାନ୍ଧିଥିଲେ । ହେଲେ ପୋଲିସ ବୈକୁଣ୍ଠଙ୍କୁ ଟ୍ରାକ କରି ସେ ଫେରିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟ ରାଇପୁରରୁ ଉଦ୍ଧାର କରିଥିଲା । ତେବେ କେଉଁ ପରିସ୍ଥିତିରେ ବୈକୁଣ୍ଠ ନିଜର ଅପହରଣ କରାଇଥିଲା ଓ ଏହାକୁ ନେଇ ନ୍ୟାୟାଳୟ କଣ ବିଚାର କରୁଛି ସେ ନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଜିଆର ରାଘବେନ୍ଦ୍ର ସୂଚନା ପ୍ରଦାନ କରିଛନ୍ତି ।

# ବିଦ୍ୟାଳୟରେ ଗଛଟିଏ ଶିଶୁଟିଏ କାର୍ଯ୍ୟକ୍ରମ



ରଣପୁର, ୧୩/୦୭ : ରଣପୁର ବ୍ଲକ ମହତପଲ୍ଲକ୍ଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ମାଧ୍ୟମରେ ଗଛଟିଏ ଶିଶୁଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀଣୀ ବନଲତା ବେହେରା ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଫରେଷ୍ଟର ମୋହନ ଦେହୁରୀ, ଫରେଷ୍ଟ ଗାର୍ଡ ଧନେଶ୍ୱର ଭୁଜବଳ, ସରପଞ୍ଚ ବିନୋଦ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଧୀରେନ୍ଦ୍ର ସାମନ୍ତରାୟ, ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ମହାପାତ୍ର, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ ରଂଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ । ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟାଙ୍କ ସହ ସହକାରୀ ଶିକ୍ଷକ ସଞ୍ଜୟ କୁମାର ଦାସ, ଭାସ୍କର ସ୍ୱାଇଁ, କଳ୍ପନା ଜେନା, ବିଦ୍ୟାଳୟର ସବୁଜ ବାହିନୀର ସଦସ୍ୟ ଏବଂ ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇ ନିଜେ ନିଜେ ଗୋଟିଏ ଗଛ ଲଗାଇଥିଲେ ।

# ଆଗଲପୁର ବ୍ଲକ ରେ ଓଡ଼ିଶା ର ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କୁ ଭବ୍ୟ ସ୍ୱାଗତ /ପଦବୀ ପାଇଁ ଅଞ୍ଚଳ ବାସୀଙ୍କୁ ଦେଲେ ଶ୍ରେୟ




ଲୋଇସିଂହା ୧୩/୭/ ଆଜି ଓଡ଼ିଶା ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ବ୍ଲକ ର ବିଭିନ୍ନ ଗ୍ରାମ କୁ ଗସ୍ତ କରିଛନ୍ତି । ପ୍ରଥମେ କେସେଇ ପାଲି ଗାଁ ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ପରେ ଉପର ବାହାଲ, ନୁଆଁପାଲି,ଛେଲଖାଇ, ରୋଥ, ଫଟାମୁଣ୍ଡା, ମହୁଲପାଲି,ଡୁଡୁକା, ବଡ଼ଖଲିଆପାଲି,ଖୁଣ୍ଟୁଲିମୁଣ୍ଡା, ପାଣ୍ଡ୍ରିଡୁଙ୍ଗୁରି,ଡୁମେର ପାଲି, ପଟୁଆପାଲି ଆଦି ଗ୍ରାମ ରେ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ଆଗଲପୁର ବ୍ଲକ୍ ର ହଜାର ହଜାର ସମର୍ଥକ , ଦଳୀୟ କର୍ମୀ ବାଦ୍ୟ ର ତାନେ ତାନେ ସ୍ୱାଗତ କରି ପାଛୋଟି ନେଉଥିଲେ । ବ୍ଲକ୍ ପ୍ରଶାସନ ମଧ୍ୟ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଅଞ୍ଚଳ ର ଭୋଟର ତଥା ସମର୍ଥକ, ଦଳୀୟ କର୍ମୀ ଙ୍କୁ ତାଙ୍କ ବିଜୟ ଓ ଓଡିଶା ସରକାର ରେ ମନ୍ତ୍ରୀ ଦାୟିତ୍ୱ ପାଇ ଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଡୁଡୁକା ମଣ୍ଡଳ ବିଜେପି ସଭାପତି ପିତାମ୍ବର କଣ୍ଟା, ସୁନୀଲ ଦାସ, ଗୌରାଙ୍ଗ ନାଏକ, ସୀତାରାମ ପୁରୋହିତ,ସଚିକାନ୍ତ ପୁଟେଲ ଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ଭୁକ୍ତା ଜନତା ହାଇସ୍କୁଲ ରେ ବ୍ଲକ ସ୍ତରୀୟ ପ୍ରେରଣା ଉତ୍ସବ



ବରଗଡ:-୧୩.୭ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବ୍ଲକସ୍ତରୀୟ ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସର ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟୀ ର ଅଧକ୍ଷ ସାନନ୍ଦ ଦେହେରୀ ଯୋଗଦାନ କରିଥିଲେ ।ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ପ୍ରେରଣା ଉତ୍ସବର ଉଦ୍ଦେଶ୍ୟ ବିଷୟରେ ଆଲୋକ ପାତ କରି ଥିବାବେଳେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସିଂ ପ୍ରେରଣା ଉତ୍ସବ ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ ।ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତା ରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୮ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ଛାତ୍ରୀମାନଙ୍କ ମଧ୍ୟରୁ କେଦାରନାଥ ଆଦିବାସୀ ନୋଡାଲ ହାଇସ୍କୁଲ ଅମ୍ବାଭୋନାର ଦର୍ଶନୀ ସେଠ,ଜନତା ସରକାରୀ ଉଚ୍ଚ ବିଦ୍ୟାଳୟଭୁକ୍ତାର କରିସ୍ମା ପଟେଲ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କୁମ୍ଭୋର ପ୍ରକାଶିନୀ ଦାସ,ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ଉଡମର ହୀନା ଖମାରୀ ଏବଂ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଡପଲା ର କମ ଳିନୀ ଡିଲା,ଛାତ୍ରମାନଙ୍କ ମଧ୍ୟରୁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଡପଲାର ଅରୁଣ କୁମାର ପଟେଲ, ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରୀର ନିହାର ସୁନା,ପୁରୁଷୋ ତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ରୁଚିଦାର ଭୂପେଶ ସାହୁ,ମହାନଦୀ ଉଚ୍ଚ ବିଦ୍ୟାଳୟ ବାଞ୍ଜିପାଲି ର ଆଶୁତୋଷ ଦୁଆନ ଏବଂ କେଦାର ନାଥ ଆଦିବାସୀ ନୋଡାଲ ହାଇସ୍କୁଲ ଅମ୍ବାଭୋନାର ଭବାନୀ ଶଙ୍କର ସାହୁ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବରେ ଅଂଶ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।ବିଚାରକ ଭାବରେ ଅବସର ପ୍ରାପ୍ତ ଶିକ୍ଷକ ସୁଲଳିତ ପାତ୍ର,ଅବସର ପ୍ରାପ୍ତ ଶିକ୍ଷକ ହିମାଞ୍ଚଳ ପଧାନ ଏବଂ କଳା ଶିକ୍ଷକ ଅମୂଲ୍ୟ ଭୋଇ ଯୋଗ ଦେଇ ଥିଲେ ।ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।ସମସ୍ତ କୃତୀ ପ୍ରତିଯୋଗୀ ଆସନ୍ତା ୨୦ ତାରିଖରେ ପାଇକ ମାଳ ସ୍ଥିତ ଜବାହର ନବୋ ଦୟ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ,ସି ଆର୍ ସି ସି ପୁନୀରାମ ଗଣ୍ଡ,ସି ଆର ସି ସି କେଦାର ନାଏକ,ଶିକ୍ଷକ ଆଶୁତୋଷ ଭୋଇ ଏବଂ ସୁବାସ ଚନ୍ଦ୍ର ଖମାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଝିଅ ବିବାହ ପାଇଁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କଲେ ଯୁବ ସମାଜସେବୀ

ରଣପୁର, ୧୩/୦୭ : ବର୍ତ୍ତମାନ ବିଭିନ୍ନ ସମାଜସେବୀ ବିଭିନ୍ନ ଉପାୟରେ ଲୋକମାନଙ୍କୁ ସାହାଯ୍ୟ କରିବାର ଦେଖିବାକୁ ମିଳିଥାଏ । ଆଜି ରଣପୁର ଅଞ୍ଚଳର ଜଣେ ଯୁବ ସମାଜସେବୀ ଲୋକମାନଙ୍କୁ ଭିନ୍ନ ଉପାୟରେ ସାହାଯ୍ୟ କରୁଥିବା ଦେଖିବାକୁ ମିଳିଛି । ଯୁବ ସମାଜ ସେବୀ ଜଣଙ୍କ ହେଉଛନ୍ତି ରଣପୁର ସନ୍ତୋଷ ମହାପାତ୍ରଙ୍କ ପୁଅ ସତ୍ୟ ସାହିଲ ମହାପାତ୍ର । ସେ ଭିନ୍ନ ତରିକାରେ ଏବେ ଲୋକମାନଙ୍କୁ ସାହାଯ୍ୟ କରୁଥିବା ଦେଖିବାକୁ ମିଳିଛି । ସେ ଗରିବ ଅସହାୟ ପରିବାର ଝିଅ ବିବାହ ନିମନ୍ତେ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି, ଯାହା ଫଳରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାରେ ଝିଅ ଘରର ପରିବାର ଲୋକେ ସମର୍ଥ ହେଇ ପାରୁଛନ୍ତି । ଆଜି ସେ ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତର ଏକ ଗରିବ ପରିବାରର ଝିଅ ବିବାହ କାର୍ଯ୍ୟ ନିମନ୍ତେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ଝିଅର



ପରିବାର ଲୋକେ ଖୁବ କଷ୍ଟରେ ଗୁଜୁରାଟ ମେଣ୍ଟାଉ ଥିବା ବେଳେ ବିବାହ କାର୍ଯ୍ୟ ବୋଝ ଉପରେ ଲଳିତା ବିଡା ଭଳି । ସେଥିରେ ସେମାନେ ଦୁଃଖ କଷ୍ଟ କରି ଚଳି ଝିଅର ବିବାହ କରାଉଛନ୍ତି । ପରିବାରର ଅଭାବ ଅସୁବିଧା ସମ୍ପର୍କରେ ଖବର ପାଇ ଯୁବ ସମାଜସେବୀ ସାହିଲ ତାଙ୍କ ଘରେ ପହଂଚି ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ରାଶି ସହାୟତା ପ୍ରଦାନ କରିଛନ୍ତି । ସୂଚନା ଥାଉ କି ଏହା ପୂର୍ବରୁ ମଧ୍ୟ ଆଉ ଏକ ପରିବାରର ଝିଅ ବିବାହ କାର୍ଯ୍ୟ ନିମନ୍ତେ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ, ୧୩।୭: ଢେଙ୍କାନାଳ ସଦର ବ୍ଲକ୍ ଧୀରପାଟଣା ଗ୍ରାମପଂଚାୟତ ଅନ୍ତର୍ଗତ କାମଧେନୁକୋଟ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଭୁତି ଭୂଷଣ ସାମଲଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଗଣେଶ୍ୱର ପ୍ରଧାନ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟରେ ୩୪ ବର୍ଷ ଧରି ଶିକ୍ଷକତା କରିଥିବା ଶ୍ରୀ ସାମଲ ନିଜର କାର୍ଯ୍ୟ ସଠିକ୍ ଭାବରେ ତୁଲାଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ପ୍ରଶଂସାଭାଜନ ହୋଇପାରିଥିଲେ । ଏହା ବ୍ୟତୀତ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ଢେଙ୍କାନାଳ ଶାଖାର ସମ୍ପାଦକ ଦାୟିତ୍ୱ ତୁଲାଇ ଆସିଛନ୍ତି । ଏହି ଅବସରକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ୍ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ, ରାଜ୍ୟ ଓଷ୍ଟା ସଂଘର ସାଧାରଣ ସମ୍ପାଦକ ରଂଜନ କୁମାର ଦାସ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଇସି ସଭ୍ୟ ଶ୍ରୀରାମ ରାଉତ, ସ୍ଥାନୀୟ ସରପଂଚ ପ୍ରତାପ କୁମାର ସ୍ୱାଇଁ, କାମଧେନୁକୋଟ ଗ୍ରାମ ସଭାପତି ବେଣୁଧର ମହାନ୍ତି, ଜିଲ୍ଲା ଓଷ୍ଟା ସଂଘର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସାମ୍ବାଦିକ ଅଥୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶ୍ରୀ ସାମଲଙ୍କର ବହୁମୁଖୀ ପ୍ରତିଭା ଓ ବିଚକ୍ଷଣ ପାରଦର୍ଶିତାର ପ୍ରଶଂସା କରିଥିଲେ । ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ନିରଞ୍ଜନ ସ୍ୱାଇଁ, ଅବସର ନେଇଥିବା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, କନିଷ୍ଠ ସହାୟକ ସୁଧିର କୁମାର ବେହେରା, କର୍ମଚାରୀ ମହିନ୍ଦ୍ର ମୋହନ ମହାନ୍ତି, ପଙ୍କଜ ପିରେଇ ଏବଂ ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀ ଉଦ୍‌ବୋଧନ ଦେଇ ଶିକ୍ଷକ ଶ୍ରୀ ସାମଲଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ସଂଘର ପରାମର୍ଶ ଦାତା ସରୋଜକାନ୍ତ ଦାସ ଓ ପ୍ରଶାନ୍ତ କୁମାର ଧଳ ସୁଲ୍ ସହିତ ଯୋଡି ରହିବାକୁ ଅନୁରୋଧ କରିଥିଲେ । ଶେଷରେ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଳବିରୋଧୀ କାର୍ଯ୍ୟ କାରଣରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ତା.୧୩/୦୭: ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ବାଲେଶ୍ୱର ଜିଲ୍ଲା ସୋର ବିଧାନସଭା ନିର୍ବାଚନ ମଣ୍ଡଳୀର ମାଟିଆମଙ୍ଗଳା ମଣ୍ଡଳ ସଭାପତି ସନାତନ ଦାସ, ଦାଣ୍ଡକାଳୀ ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ମହାଳିକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜାରାମ ମହାପାତ୍ର, ସୋର ଗଣମାଧ୍ୟମ ସଂଯୋଜକ ପ୍ରକାଶ ମାଝୀ, ବାସୁଳି ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ଶରତ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ମହାପାତ୍ର, କେଶରୀପୁର ଗ୍ରାମ ପଂଚାୟତ ସରପଂଚ ନରେନ୍ଦ୍ର ବିଶ୍ୱାଳ, କେଶରୀପୁର ଗ୍ରାମ ପଂଚାୟତ ସମିତି ସଭ୍ୟ ମୁକେଶ ମଲ୍ଲିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ବହୁଜନ ସଂଗ୍ରାମ ସମିତି ଉଦ୍ୟମରେ ଥଇଥାନ ହେଲା ଅଶାହାୟ ନାବାଳିକା



କଳାହାଣ୍ଡି,୧୩/୭ ଜୁନାଗଡ଼ ସହରରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଥିବା ବେଳେ ,ବହୁଜନ ସଂଗ୍ରାମ ସମିତି ସଭାପତି ତଥା ସମାଜ ସେବୀ ରଞ୍ଜନ କୁମାର ଜାଲଙ୍କ ଉଦ୍ୟମରେ ଉକ୍ତ ନାବାଳିକା ଝିଅକୁ ଜିଲ୍ଲା ଶିଶୁ ମଙ୍ଗଳ ବିଭାଗ ସ୍ୱଧାର ଗୃହରେ ଥଇଥାନ କରାଯାଇଥିବା ଜଣାଯାଇଛି ।ସୂଚନାମତେ ଜୁନାଗଡ଼ ସହରର ଶନିମନ୍ଦିର ନିକଟରେ ଅସହାୟ ଅବସ୍ଥାରେ ଜଣେ ନାବାଳିକା ଝିଅ ରହିଥ ?ିବା ସ୍ଥାନୀୟ ଲୋକେ ଦେଖି ଜୁନାଗଡ଼ ପୋଲିସକୁ ଖବର ଦେଇଥିଲେ ।ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ନାବାଳିକାଙ୍କୁ ଉଦ୍ଧର କରି ଆଣିଥୁଲା ।ଉକ୍ତ ନାବାଳିକା ବୟସ ୧୫ ବର୍ଷ ହୋଇଥିବା ବେଳେ ସେ କେନ୍ଦୁଝର ଜିଲ୍ଲା ବ୍ରାହ୍ମଣଦିହି ଗ୍ରାମର ଲଭଲି ଗୌଡ଼ ବୋଲି ପ୍ରକାଶ କରିଛି ।ହେଲେ ଉକ୍ତ ନାବାଳିକା ନିଜ ଠିକଣାସ୍ପଷ୍ଟ ଭାବେ କହିପାରୁନଥିବା ବେଳେ ତା ପରିବାର ସହ ଯୋଗାଯୋଗ ହୋଇପାରି ନ ଥିଲା ।ଏହି ଘଟଣା ସମ୍ପର୍କରେ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ ଅବଗତ ହେବା ପରେ ।ଥାନାରେ ପହଂଚି ନାବାଳିକା ଝିଅକୁ ନିଜ ଗାଁ ଛାଡି ଚାଲି ଆସିଥିବା କାରଣ ଅବଗତ ହୋଇ ଜୁନାଗଡ଼ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ଥିଲେ ।ଏସହ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରି ଉକ୍ତ ନାବାଳିକା କୁ ଥଇଥାନ ପାଇଁ ଅନୁରୋଧ କରିଥିଲେ ।ପରେ ଜୁନାଗଡ଼ ପୋଲିସ ନାବାଳିକାଙ୍କୁ ଭବାନୀପାଟଣା ସ୍ଥିତ ଏକ ସ୍ୱଧାରର ଗୃହରେ ହସ୍ତାନ୍ତର କରି ଥଇଥାନ କରିଥିବା ଜଣାଯାଇଛି ।ଉକ୍ତ ଘଟଣାରେ ବହୁଜନ ସଂଗ୍ରାମ ସମିତି କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି, ବରିଷ୍ଠ ସଦସ୍ୟ ଉଗ୍ରେସେନ କନ୍ଦପାନ,ରୋହିତ ବାଗ ଏବଂ ଅନେକ ସଦସ୍ୟ ଉପସ୍ଥିତ ରହି ଥିଲେ ।

# ସଂପାଦକୀୟ

## ବିଷ ବଳୟରେ ଦିଲ୍ଲୀ

ଜାତୀୟ ରାଜଧାନୀ ଦିଲ୍ଲୀ ଏବେ ପ୍ରଦୂଷଣର ବିଷ ବଳୟ ମଧ୍ୟରେ ରହିଥିବାରୁ ଜନସାଧାରଣଙ୍କ ଜୀବନଯାତ୍ରା ଦୁର୍ବିସହ ହୋଇଉଠିଛି । ଏଠାରେ ବାୟୁର ମାନ 'ଅତି ସାଂଘାତିକ' ସ୍ତରରେ ପହଞ୍ଚିବାର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୂଚନା ଦେଇଛି । ଏଭଳି ଅସହ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ମହାନଗରୀରେ ମିନି ଲକ୍‌ଡାଉନ୍ ଜାରି ହେଲାପରି ମନେ ହେଉଛି । ବାୟୁମଣ୍ଡଳ ଏଭଳି ପ୍ରଦୂଷିତ ହୋଇଛି ଯେ, ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି । ଅକ୍ଟୋବର ପୂର୍ବେ ଦିଲ୍ଲୀ ସରକାର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେଗୁଡ଼ିଏ କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ସହରର ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ ରଖାଯାଇଥିବାବେଳେ ପୁଣି ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ହୋଇଥିଲା । ପାଞ୍ଚ ବର୍ଷରୁ ଅଧିକ ବୟସର ପିଲା ବାହାରେ ଖେଳିବା ଉପରେ ରୋକ୍ ଲଗାଯାଇଥିଲା । ସରକାରୀ ଦପ୍ତରଗୁଡ଼ିକ ୫୦ ପ୍ରତିଶତ କ୍ଷମତାରେ ଚାଲିବାକୁ ଓ ୫୦ ପ୍ରତିଶତ କର୍ମଚାରୀ ନିଜନିଜ ଘରେ ରହି କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇଥିଲା । ସମସ୍ତ ଘରୋଇ କାର୍ଯ୍ୟାଳୟ ମଧ୍ୟ ଏହି ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ଜାତୀୟ ରାଜଧାନୀ ଭିତରକୁ ଟ୍ରକ୍ ପ୍ରବେଶ କରିପାରିବେ ନାହିଁ ବୋଲି ଏବେ ନିର୍ଦ୍ଦେଶ ଦିଆଯାଇଛି ଏବଂ ବି.ଏସ୍-୬ ତଳକୁ ଥିବା ଡିଜେଲ କାର ଚଳାଚଳକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ସରକାରୀ ସୂଚନା ଅନୁଯାୟୀ ଆନନ୍ଦବିହାର ଓ ଜାହାଙ୍ଗୀରପୁରୀ ସହରର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ରୂପେ ଚିହ୍ନଟ ହୋଇଛି । ସେହିପରି ଉପକଣ୍ଠବର୍ତ୍ତୀ ଶିଳ୍ପାଞ୍ଚଳ ନଏଡ଼ା ଓ ଗୁରୁଗ୍ରାମରେ ମଧ୍ୟ ଅତି ସାଂଘାତିକ ପ୍ରଦୂଷଣ ଦେଖିବାକୁ ମିଳିଛି । ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୬ଜଣ ସଦସ୍ୟ ବିଶିଷ୍ଟ ଏକ ଟିମ୍ ଗଠନ କରାଯାଇଛି । ଜାତୀୟ ରାଜଧାନୀର କେନ୍ଦ୍ରସ୍ଥଳରେ ଥିବା ରାଜପଥର ଇଣ୍ଡିଆ ଗେଟ୍‌ଠାରୁ ରାଷ୍ଟ୍ରପତି ଭବନ, ପାର୍ଲାମେଣ୍ଟ ଭବନ, ନର୍ଥ ବ୍ଲକ, ସାଉଥ୍ ବ୍ଲକ ଭଳି ସରକାରୀ ଦପ୍ତରଗୁଡ଼ିକ ମଧ୍ୟ ପ୍ରଦୂଷିତ ବାୟୁସ୍ତର ଯୋଗୁ ସକାଳ ବେଳା ଦୃଷ୍ଟିଗୋଚର ହେଉନାହାନ୍ତି । କେବଳ ଏବେ ନୁହେଁ, ଅତୀତରେ ଦଶନ୍ଧି ଦଶନ୍ଧି ଧରି ଦିଲ୍ଲୀର ପରିବେଶ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସରକାର ଯେତେ ଯାହା ପଦକ୍ଷେପ ନେଲେ ମଧ୍ୟ ଏହାକୁ ରୋକିବା ସମ୍ଭବପର ହେଉନାହିଁ । ବିଶେଷକରି ପ୍ରତିବର୍ଷ ଦୀପାବଳି ପରଠାରୁ ଦିଲ୍ଲୀର ପ୍ରଦୂଷଣ ଗୁରୁତର ଆକାର ଧାରଣ କରୁଛି । ଏହାର ଅନେକ କାରଣ ରହିଥିଲେ ହେଁ ଘନ କୁହୁଡ଼ି, ପ୍ରଦୂଷିତ ପବନ, ଅସଂଖ୍ୟ ଗାଡ଼ି ମଟରର ଧୂଆଁ, କୋଠାବାଡ଼ି ନିର୍ମାଣ ଯୋଗୁଁ ବାହାରୁଥିବା ଧୂଳି ପରିବେଶକୁ ଅଧିକ ପ୍ରଦୂଷିତ କରୁଛି । ଏହାବ୍ୟତୀତ ଦିଲ୍ଲୀ ଉପକଣ୍ଠରେ ପଞ୍ଜାବ ଓ ହରିଆନାର ଚାଷୀମାନେ କ୍ଷେତରୁ ଫସଲକଟା ପରେ ବଳକା ରହିଯାଉଥିବା ନଡ଼ାକୁ ବ୍ୟାପକ ଭାବରେ ନିଆଁରେ ପୋଡ଼ିଥାନ୍ତି । ଏହାଫଳରେ ନିର୍ଗତ ଧୂଆଁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳକୁ 'ଗ୍ୟାସ ଚେମ୍ବର'ରେ ପରିଣତ କରୁଛି । ଦିଲ୍ଲୀର ଏହି ଅବସ୍ଥା ପାଇଁ ରାଜନୀତି ମଧ୍ୟ ଖୁବ୍ ସରଗରମ ହୋଇଛି । ଦିଲ୍ଲୀ ଓ ପଞ୍ଜାବରେ ଏବେ ଆମ୍ ଆଦ୍‌ମୀ ପାର୍ଟି ସରକାର ଶାସନରେ ରହିଛି । ତେଣୁ ବି.ଜେ.ପି, କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ଏଭଳି ଭୟାବହ ସ୍ଥିତି ନିମନ୍ତେ ଆପ୍ ସରକାରକୁ ଦାୟୀ କରୁଛନ୍ତି । ରାଜଧାନୀକୁ ବିଷ ବଳୟରୁ ରକ୍ଷା କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯିବାର ଏକାନ୍ତ ଆବଶ୍ୟକତା ରହିଛି ।

# ଆମେ ସବୁ ବିବେକବଇରୀ

**ମାୟାଧର ନାୟକ**

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହିଥିଲେ – "ଯିଏ ପାପ କରେ ସେ ପାପୀ, ଯେଉଁମାନେ ଜାଣତରେ ହେଉ କିମ୍ବା ଅଜାଣତରେ ପାପକୁ ସମର୍ଥନ କରନ୍ତି କିମ୍ବା ସହ୍ୟ କରନ୍ତି – ସେମାନେ ମହାପାପୀ ।" ଆମେସବୁ କେହି ପାପୀ ନୁହଁନ୍ତି – ଜଣେ ଜଣେ ମହାପାପୀ ।

ଆମେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଠକି ଚାଲିଛୁ । ଆମେ କେଉଁଥିରେ ନ ଠକିଛେ - ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସମାଜରେ ସବୁଥିରେ ଠକିଛୁ । ଏବେ ଦୁର୍ନୀତି, ଭ୍ରଷ୍ଟାଚାର ସମଗ୍ର ବିଶ୍ୱକୁ ଗ୍ରାସ କରିଯାଇଛି । କିଏ କେଉଁଭଳି ଦୁର୍ନୀତି, ଭ୍ରଷ୍ଟାଚାର, ଲୁଟ୍‌ତରାଜରେ ଲିପ୍ତ, ତାହା କେବଳ ୧୦୦ ଭାଗ ତାକୁ ହିଁ ଜଣା । ଯାହାବି ପ୍ରକାଶ ପାଉଛି ସେ ସବୁ ଅର୍ଦ୍ଧସତ୍ୟ ।

ଦୁର୍ନୀତି, ଭ୍ରଷ୍ଟାଚାର, ଠକେଇ, ଲୁଟ୍‌ତରାଜ୍‌ରେ ବୁଡ଼ି ରହିଥିବା ଲୋକେ ଧରି ନେଇଛନ୍ତି – ଲୋକଙ୍କ ସ୍ମରଣଶକ୍ତି କ୍ଷୀଣ । ଜନସାଧାରଣ ତେଲଲୁଣ ସଂସାରରେ ବହୁ କଥା ଭୁଲିଯାଆନ୍ତି । ୫ ବର୍ଷ ସାରା ସବୁ ହଡ଼ପ କରି ସାଧାରଣ ଲୋକଙ୍କୁ ଶସ୍ତାରେ ଚାଉଳ, ମଦ, ଗାନ୍ଧୀନୋଟ୍ ଦେଇଦେଲେ ସେମାନେ ଜିନ୍ଦାବାଦ୍ ପକାନ୍ତି । ଏଇଭଳି ଏ ଦେଶ ଚାଲିଛି । କିନ୍ତୁ ସବୁଦିନ ଚାଲିବ ବୋଲି ଧରିନେବା ମୂର୍ଖାମି । ଇତିହାସ ବଡ଼ ନିଷ୍ଠୁର । ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ହତ୍ୟା କରାଯାଇ ପାରେନି । ଇତିହାସକୁ ଟିକେ ଖେଂଚିଦେଲେ - ସବୁ ସତ ପୁଣି ଗଳଗାଳ ବାହାରି ପଡ଼ିବ । ଠିକ୍ ବେଳେ ଭୁଲିଯାଇଥିବା ଘଟଣା ମାନସପଟରେ ଉଜ୍ଜୀବିତ ହୋଇ ଉଠିବ ।

ଆସନ୍ତୁ – ଆମେ କେବଳ ଆମ ଦେଶ କଥା ବିଚାର କରିବା । ଦେଶ ଭିତରେ ଆମ ରାଜ୍ୟ ଓଡ଼ିଶା । ୧୯୪୭ ମସିହା ଦେଶ ସ୍ୱାଧୀନ ହେଲା ଦିନଠୁଁ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଦୁର୍ନୀତିର ହିସାବଫର୍ଦ୍ଦରେ ଆଖି ବୁଲାଇଲେ କି ଶୁଣିଲେ ଅବଶ୍ୟ ମୁଣ୍ଡ ଚକ୍କର ଖାଇଯିବ । ଯେଉଁମାନେ ରାଜକୋଷ ଲୁଟ୍ କରି ମରିଗଲେ, ସେମାନେ ତାଙ୍କ ପରିବାର ପାଇଁ ଲୁଟ୍ ମାଲ ରଖିଯାଇଛନ୍ତି । ସେମାନେ ଭୋଗ କରୁଛନ୍ତି । ସେଥିରେ ଦେଶର ଭାଗ ନାହିଁ । ପୁଣି ଆମେ ଏତେ ଅଭାଗା, ସେଇ ରାଜକୋଷ ଲୁଟେରାମାନଙ୍କ ପ୍ରତିମୂର୍ତ୍ତି ଗଢ଼ି ତାଙ୍କ ଜନ୍ମ କିମ୍ବା ଶ୍ରାଦ୍ଧଦିବସରେ ଫୁଲମାଳ ଦେଇ ଜୟଗାନ କରୁଛେ । ସେଇ ପରିବାର ଲୋକଙ୍କୁ ଭୋଟ୍ ଦେଇ ପୁଣି ଶାସନକ୍ଷମତାର ଡୋରି ଛାଡ଼ିଦେଉଛେ । ଏ ମହାପାପର କେବେ ପ୍ରାୟଶ୍ଚିତ କରିବା କେଜାଣି !

ଆମେ ଯୁକ୍ତି କରୁଛେ – ପେଟପାଟଣା ପାଇଁ ବଂଚିବା ପାଇଁ ପାପୀଙ୍କୁ ମୁଣ୍ଡିଆ ମାରିବାକୁ ବାଧ୍ୟ ହେଉଛେ । କିଏ ଆମକୁ ବଂଚିବାକୁ ବାଧ୍ୟ କରୁଛି କି ? ମଣିଷ ଜୀବନଟା ଏତେ ସ୍ୱାର୍ଥପର – ମଲା ବେଳକୁ ଆଉ ଟିକେ ବଂଚନ୍ତି କି ବୋଲି ଡହଳବିକଳ ହୁଏ ।

ମୃତ୍ୟୁ ଅବଶ୍ୟମ୍ଭାବୀ । ଜନ୍ମମୃତ୍ୟୁର ମଧ୍ୟବର୍ତ୍ତୀ ସମୟରେ ଆମେ ଠକିଠକି ନୟାନ୍ତ । ଅଶାନ୍ତି, ଅସନ୍ତୋଷ, ହତାଶା, କ୍ରୋଧ, ଆଶା, ଆକାଂକ୍ଷାରେ ଆମ ଦିନ କଟୁଛି । ସମାଜରେ ଆମେ ଆମ ଦାୟିତ୍ୱ ପାଳନ କରୁନାହାଁନ୍ତି । ଯେଉଁ ସମାଜ ପାଇଁ ଆମେ ତିଷ୍ଠି ରହିଛେ – ତା' ପ୍ରତି ଆମର କର୍ତବ୍ୟ ନାହିଁ । ସମାଜ ଭାସିଗଲା କେତେ ରହିଲା କେତେ ସେଥିପ୍ରତି ଆମର ନଜର ନାହିଁ । କେବଳ ଆମ ସ୍ୱାର୍ଥ ପୂରଣ ହେଲା କି ନାହିଁ – ଆମର ସବୁଠୁ ବଡ଼ ଚିନ୍ତା ।

ସମାଜ ସୃଷ୍ଟି ହେଲା ଦିନଠୁ, ସାମାଜିକ ବ୍ୟବସ୍ଥା ଅହରହ ପରିବର୍ତ୍ତନ ହେବାରେ ଲାଗିଛି । କେବଳ ଜଣେ ଚାହିଁଲେ ସମାଜ ପରିବର୍ତ୍ତନ ହୁଏନା – ଏଥିପାଇଁ ପୁରା ସମାଜର ଲୋକେ ଯେତେବେଳେ ଚାହିଁବେ – ପରିବର୍ତନ ହେବାକୁ ବାଧ୍ୟ । ସାମାଜିକ ବ୍ୟବସ୍ଥାର ପରିବର୍ତନ ପାଇଁ କେଉଁଠି ଶହଶହ ବର୍ଷ ଏପରିକି ହଜାରହଜାର ବର୍ଷ ଲାଗିଯାଏ । ଆମେ ପଛକୁ ନଯାଇ ଏବକାର ସାମାଜିକ ବ୍ୟବସ୍ଥା କଥା ଚିନ୍ତା କଲେ ଜାଣିପାରିବା ଯେ – ସାମ୍ପ୍ରତିକ ସମାଜ ବ୍ୟବସ୍ଥା ଏକ ପୂତିଗନ୍ଧମୟ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ବଦଳାଇବାକୁ ହେଲେ ଦୁଇ ଭୟଙ୍କର ଶକ୍ତି ବିରୋଧରେ ତୁମୁଳ ସଂଘର୍ଷ କରିବାକୁ ହେବ । ଏଥିପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱବୋଧ ରହିଛି । ଆମେ ସବୁ ଭଲ ଆଶା କରିବା, କିନ୍ତୁ ଭଲ ପାଇଁ କିଛି କରିବା ନାହିଁ । ଏଭଳି ହେଲେ ଏ ସାମାଜିକ ବ୍ୟବସ୍ଥା ପରିବର୍ତନ ପାଇଁ ଆଉ କେତେ ବର୍ଷ ଲାଗିବ କହି ହେବନି ।

ଆମେ ଆମ ସଂସାର-ପରିବାରରେ ମଧ୍ୟ ଦାୟିତ୍ୱ ନିଭାଇ ପାରୁନେ । ପରିବାରର ଛୋଟବଡ଼ ସବୁ ସଦସ୍ୟ ଆମେ ଆଗେ ଆତ୍ମସ୍ୱାର୍ଥକୁ ବଡ଼ କରି ଦେଖୁଛେ । ପରିବାର ପାଇଁ ଯାହାକିଛି କରୁଛେ - ବାଧ୍ୟବାଧକତାରେ । ଯେଉଁ ପୁଅଝିଅଙ୍କୁ ଏତେ କଷ୍ଟକରି ବଡ଼ କଲେ - ସେମାନେ ବାପ ମା'ଙ୍କୁ ଭୁଲି ନିଜ ସ୍ୱାର୍ଥରେ ମାତିଲେ । ଅବଶ୍ୟ ହଜାରେ କେ ଗୋଟାଏ ଦି'ଟା ନିଆରା । ପରିବାରରେ ରକ୍ତର ସମ୍ପର୍କ ଥିଲେ ବି ଆମେ ତୋ'ର, ମୋ'ର ନୀତି ଅବଲମ୍ବନ କରୁଛେ । ଯାହା 'ଳରେ ସଂସାର ଓ ସାଂସାରିକ ଜୀବନ ଭାଙ୍ଗି ଚୂରମାର ହେଇଯାଉଛି ।

ଆମେ ସବୁ ବସ୍ତୁବାଦୀ । ଆମର ସମ୍ପର୍କ ବସ୍ତୁକୁ ନେଇ । ଆମେ ସବୁବେଳେ ଲାଭ ପଛରେ ଗୋଡ଼ାଇ ଗୋଡ଼ାଇ ହତାଶପଙ୍କରେ ପଡ଼ିଛେ । ଆମ ଆଖିରେ ଲାଭ କଥା ବିଚାର କରି ଶୂଳିରେ ମଲେ ଲାଭ କି ଫାଶୀରେ ମଲେ ଲାଭ – ଚିନ୍ତା କରୁଛେ । ପୂର୍ବଭଳି ମଣିଷ ମଣିଷ ଭିତରେ ସମ୍ପର୍କର ସେତୁ ଭାଙ୍ଗିଗଲାଣି । ଏବକାର ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱାର୍ଥରେ ଭରପୂର । ଏ ସମ୍ପର୍କ କାଳଜୟୀ ନୁହେଁ । ସମ୍ପର୍କରେ ମଧ୍ୟ ଆମେ ଠକୁଛେ । ଆଉ ବନ୍ଧୁତ୍ୱ ! ଆଜି ଯେ ବନ୍ଧୁ କାଲି ସେ ଶତ୍ରୁ ପାଲଟିଯାଉଛି । କ୍ଷମତା-ଅର୍ଥ-ସ୍ୱାର୍ଥ-ମୋହ-ମାୟାରେ ଆମେ ବନ୍ଧୁଙ୍କୁ ବି ଛୁରା ମାରିବାରେ ପଛଉନାହିଁ । ଆଜିବି ଶହ ଶହ ଜୁଲିଅସ୍ ସିଜର – ବ୍ରୁଟାଶ୍ ଏ ସମାଜରେ ଘୂରି ବୁଲୁଛନ୍ତି । ରକ୍ତର ସମ୍ପର୍କ ନ ଥିଲେ ବି ବନ୍ଧୁତ୍ୱ ଭଳି ପବିତ୍ର ଶବ୍ଦକୁ ଆମେ ଅବମାନନା କରୁଛୁ । ବନ୍ଧୁ ପାଇଁ ବନ୍ଧୁ ଜୀବନ ଦେବା ଭଳି ଉଦାହରଣ କ୍ୱଚିତ୍ ମିଳେ । ଆମେ ସବୁ ପୁଅ ହେଉ କି ଝିଅ ହେଉ – ଫଂଟାରସିକ, ରସିକିଆଣୀ । ଆମେ ପ୍ରେମରେ ବି ଠକିବାରେ ପାରଙ୍ଗମ । ପ୍ରେମ କରିବା ଜଣକୁ, ବିଭାହେବା ଅନ୍ୟ ଜଣକୁ । ଏଭଳି ବିଫଳ ପ୍ରେମରେ ଉଭୟେ କ୍ଷତିଗ୍ରସ୍ତ । ଜୀବନସାରା ହତାଶ । ଆଜିକାଲି ଶାଶ୍ୱତ ପ୍ରେମ ଖୁବ୍ କମ୍ ଦେଖାଯାଏ । ଆମେ ଅଧିକାଂଶ ସମୟରେ ସୌନ୍ଦର୍ଯ୍ୟ, ଧନ ସମ୍ପତି, ବଂଶ ପରମ୍ପରାକୁ ଅଗ୍ରାଧିକାର ଦେଉ । ଯାହା ଫଳରେ ଦୁଇଟି ଅମେଳ ମନକୁ ଜବରଦସ୍ତ ମିଳାଯାଏ । ଫଳରେ ସାଂସାରିକ ଜୀବନ ଏପରିକି ଯୌନଜୀବନ ମଧ୍ୟ ସଫଳ ହୁଏନା । ଯିଏ କହିବ – ମୁଁ ପ୍ରେମରେ କାହାକୁ ଠକିନି, ତାକୁ କି ଉପାଧି ଦେବାକଥା ଆପଣମାନେ ଦିଅନ୍ତୁ ।

ପ୍ରେମ ନୁହେଁ ପୌଷର ପତ୍ରଝଡ଼ା, ମାଘର ମେଘ ମଲାଣୀ, 'ଗୁଣର 'ତୁଆ, ଚୈତ୍ରର ଚୋରା ଚାହାଣୀ, ବୈଶାଖର ବିଳାପ, ଜ୍ୟେଷ୍ଠର ଜ୍ୱାଳା, ଆଷାଢ଼ର ଅନୁତାପ, ଶ୍ରାବଣର ଶାନ୍ତିଭଙ୍ଗ, ଭାଦ୍ରବର ଭସାମେଘ, ଅଶିଣର ଆଶା, କାର୍ତିକର କୋହ କି ମଗୁଶିରର ମାଗୁଣି.... ପ୍ରେମ-ଶେଷଦିନ ଯାଏଁ ସେଇ ସୁନେଲୀ ସ୍ମୃତିର ସତୀଦାହ । ଯିଏ ଭୂଲିଯାଇଛି, ସିଏ ଭଲ୍‌ଗା । ଯିଏ ଭଲପାଇଛି, ସିଏ ଗଙ୍ଗା । ଜୀବନରେ ପ୍ରେମ କେତେବେଳେ ନାୟକର ନିବୃତ ସ୍ମୃତିରେ ରାତ୍ରିର ରଜନୀଗନ୍ଧା ତ ଆଉ କେତେବେଳେ ଗାୟକର ଗୁଣୁଗୁଣ ଗୀତିରେ ବୟସର କୃଷ୍ଣଚୁଡ଼ା....। ପ୍ରେମ କିନ୍ତୁ ସବୁଦିନେ ଯେମିତି ସଜଡ଼ା ସ୍ୱପ୍ନର ସଜପାଖୁଡ଼ା । ପ୍ରେମ ହୁଏତ ଦେହ ଓ ଦହନର ଦ୍ୱୈତଗାନ, ପ୍ରକୃତ ପ୍ରେମ କିନ୍ତୁ ମନ ଆଉ ମତର ମିଳନରାଗ ।

ମୋର କହିବାର କଥା – ଆମେ ସବୁ, ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସର୍ବୋପରି ସମାଜରେ ଠକିଚାଲିଛେ । ଏସବୁ ଠକାମି ଯେ ପୂରାପୂରି ବନ୍ଦ ହୋଇଯିବ – ସେକଥା ମୁଁ ହଲପ କରି କହୁନି । ଠକାମିକୁ ଟିକେ ନିମ୍ନମୁଖୀ କରିଦେଲେ – ଆହାଃ ! ଜୀବନଟା କି ଆନନ୍ଦମୟ ହୋଇଯାଆନ୍ତା !

# ଗୀତାର ଅମୃତଜ୍ଞାନ

**ବିପିନ ବିହାରୀ ରାଉତ**

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ । ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ । ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ । ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି । ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି । ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ । ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା । ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ । ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ । ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ । ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ । ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ । ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି । ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜୁନ । କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ । ଏଣୁ ଫଳର ଆଶା ନକରି କର୍ମ କର । କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ । ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ । ଯାହା କାମନାକୁ ଜନ୍ମ ଦେଇଥାଏ । ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ । କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ । ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ । ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ । ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ । କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ । ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ । ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ । ନିରନ୍ତର ସନ୍ତୁଷ୍ଟ ରହିଥାଏ । ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ । ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ ।'

# ସାମାଜିକ ନ୍ୟାୟ ଆନ୍ଦୋଳନ

**ସୌମେନ୍ଦ୍ର ଜେନା**

ସାମାଜିକ ନ୍ୟାୟ କହିଲେ ସାଧାରଣତଃ ସମାଜର ସମସ୍ତ ବର୍ଗର, ସମସ୍ତ ସମ୍ପ୍ରଦାୟର, ସମସ୍ତ ଜାତିର ତଥା ନାରୀମାନଙ୍କ ପୁରୁଷମାନଙ୍କ ସହିତ ସମାନ ସ୍ଥିତି, ସମାନ ଅଧିକାର ଓ ସମାନ ସାମାଜିକ ସମ୍ମାନକୁ ବୁଝାଏ । ସମାଜର ସମସ୍ତଙ୍କୁ ନ୍ୟାୟ ପ୍ରଦାନ ହିଁ ସାମାଜିକ ନ୍ୟାୟ । ଏହା କେବଳ ଏକ ରାଜନୈତିକ ସ୍ଲୋଗାନ ନୁହେଁ, ଏହା ଏକ ସାମାଜିକ ସଂସ୍କାର ଆନ୍ଦୋଳନ ମଧ୍ୟ । ବୈଷମ୍ୟମତା ପୂର୍ଣ୍ଣ ସମାଜରେ ସମାନତା ଆଣିବାର ଏହା ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ । ସାମାଜିକ ନ୍ୟାୟ ସ୍ଥାପନ ଯେତେବେଳେ ରାଜନୈତିକ ଇସ୍ୟୁର ରୂପ ନିଏ ସେତେବେଳେ ଏହା ସାମାଜିକ ବିତର୍କରେ ପରିଣତ ହୁଏ । ବିତର୍କ ସାମାଜିକ ଅନ୍ୟାୟର ଶୀକାର ହୋଇଥିବା ଲୋକମାନଙ୍କ ଭିତରେ ସଚେତନତା ଆଣେ । ଲୋକମାନେ ସାମାଜିକ ଅନ୍ୟାୟ କଣ ବୁଝିପାରନ୍ତି । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଅଙ୍ଗୀକାରବଦ୍ଧ ସରକାର ନିୟମ ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିଥାଏ । ଏହା ସେତିକି ବେଳେ ସଫଳ ହୁଏ, ଯେତେବେଳେ ସାମାଜିକ ନ୍ୟାୟ ଆନ୍ଦୋଳନରୁ ଜାତ ଗୋଟିଏ ସରକାର କ୍ଷମତାକୁ ଆସେ । ସାମାଜିକ ନ୍ୟାୟ ଆନ୍ଦୋଳନ ତୀବ୍ରତର ହେଲେ ଏପରି ସରକାର ଗଠନର ସମ୍ଭାବନା ତିଆରି ହୁଏ । ସାମାଜିକ ନ୍ୟାୟ ରାଜନୈତିକ ସଦିଚ୍ଛା ବିନା ପ୍ରତିଷ୍ଠା ସମ୍ଭବପର ନୁହେଁ ।

ଭାରତୀୟ ସମାଜ ବ୍ୟବସ୍ଥାର ସଂରଚନା ଅତ୍ୟନ୍ତ ଜଟିଳ । ସମାଜର ଗୋଟିଏ କ୍ଷୁଦ୍ର ଅଂଶ ହାଜର ହଜାର ବର୍ଷଧରି ବ୍ୟବସ୍ଥାଗତ ସୁବିଧା ପାଉଥିବା ବେଳେ ଆଉ ଗୋଟିଏ ବୃହତ ଅଂଶ ଏହି ସୁବିଧାରୁ ବଞ୍ଚିତହୋଇ ଆସିଛି । ଫଳରେ କେତେକ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଅନ୍ୟମାନେ ପଛରେ ପଡି ଯାଇଛନ୍ତି । ଆମ ସମ୍ବିଧାନର ପ୍ରଣେତାମାନେ ଏହାର ଅନୁଧ୍ୟାନ ପୂର୍ବକ ବିଭିନ୍ନ ଜାତି ଓ ଗୋଷ୍ଠୀର ବର୍ଗୀକରଣ କରିଛନ୍ତି । ଏହି ବର୍ଗୀକରଣ ମୁଖ୍ୟତଃ ବିକାଶର ତାରତମ୍ୟ ଓ ସାମାଜିକ ସ୍ଥିତିକୁ ନେଇ କରାଯାଇଛି । ସାମାଜିକ ନ୍ୟାୟ ସହିତ ଜଡିତ ପାଞ୍ଚଟି ଅନଗ୍ରସର ବର୍ଗ ରହିଛି । ଏଗୁଡିକ ହେଉଛି ଅନୁସୂଚିତ ଜାତି(ଏସସି), ଅନୁସୁଚିତ ଜନଜାତି(ଏସଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି), ମହିଳା ଓ ଭିନ୍ନକ୍ଷମ(ପିଡବ୍ଲ୍ୟୁଡି) । ଅନ୍ୟ ଏକ ବର୍ଗ ସମ୍ବିଧାନରେ ସୂଚୀତ ହୋଇଛି ତାହା ହେଉଛି ସାଧାରଣ ବର୍ଗ(ଜେନେରାଲ) । ସାଧାରଣ ବର୍ଗ ଅଗ୍ରସର ବର୍ଗଭାବେ ପରିଚିତ । ସାମାଜିକ ନ୍ୟାୟର ଲକ୍ଷ୍ୟ ହୁଏ ଅନଗ୍ରସର ବର୍ଗ ଗୁଡିକର ବିକାଶ ସାଧନ କରି ଅଗ୍ରସର ବର୍ଗ ସହିତ ସମକକ୍ଷ କରାଇବା । ଫଳରେ ଦେଶରେ ଏକ ସମତାଭିତ୍ତିକ ସମାଜ ଗଠିତ ହେବ । ସମାଜରୁ ବୈଷ୍ୟମ ଦୂରହେବ ।

ସାମାଜିକ ବିଷମତା ସୃଷ୍ଟିହେବା ପଛରେ ଅନେକ କାରଣ ରହିଛି । ଏହି କାରଣଗୁଡ଼ିକ ମଧ୍ୟରୁ ସର୍ବାଗ୍ରେ ରହିଛି ଭ୍ରାନ୍ତ ସାମାଜିକ ଚିନ୍ତନ । ସମାଜରେ କିଛିଲୋକ ଭାବନ୍ତି ସେମାନେ ଉନ୍ନତ ଓ ଅନ୍ୟମାନେ ଅନୁନ୍ନତ । ଏମାନେ ଶାସକ ଓ ଅନ୍ୟମାନେ ଶାସିତ । ଶାସକ ଗୋଷ୍ଠୀ ସମୟକ୍ରମେ ସମସ୍ତ ସୁବିଧାସୁଯୋଗ ନେଇ ବିକଶିତ ହୋଇଯାଇଛନ୍ତି । ଏମାନଙ୍କ ସହିତ ଅନ୍ୟ ଯେଉଁମାନେ ଥିଲେ ସେମାନେ ମଧ୍ୟ ବିକଶିତ ହୋଇଛନ୍ତି । ଯେଉଁମାନେ ପିଢି ପରେ ପିଢି ବଞ୍ଚିତ ହୋଇଛନ୍ତି ସେମାନେ ପଛୁଆ ହୋଇ ରହିଯାଇଛନ୍ତି । ଗୋଟିଏ ପ୍ରକାର ସାମାଜିକ ଭାବନା ତିଆରି ହୋଇଛି ଯେ ଶୂଦ୍ରମାନେ (ଉଭୟ ଛୁଆଁ ଶୂଦ୍ର ଓ ଅଛୁଆଁ ଶୂଦ୍ର), ଆଦିବାସୀମାନେ ଓ ମହିଳାମାନେ ଶାରୀରିକ ଓ ମାନସିକଭାବେ ଅନ୍ୟମାନଙ୍କ ସହିତ ସମକକ୍ଷ ନୁହଁନ୍ତି । ତେଣୁ ଏମାନଙ୍କୁ ହଜାର ହଜାର ବର୍ଷଧରି ମୁଖ୍ୟସ୍ରୋତରୁ ଦୁରେଇ ରଖା ଯାଇଥିଲା । ଏପରି ସାମାଜିକ ଚିନ୍ତନକୁ ମଜଭୁତ କରିବାରେ ଧର୍ମ, ସଂସ୍କୃତି ଓ ପରମ୍ପରାର ହାତ କିଛି କମ୍ ନୁହେଁ । ତେଣୁ ଯେତେବେଳେ ସମାନତାର କଥା ଉଠେ ସେତେବେଳେ ଏହି ତଥାକଥିତ ଧାର୍ମିକ ଓ ପରମ୍ପରାବାଦୀ ଉତକ୍ଷୀପ୍ତ ହୋଇପଡନ୍ତି । ସେମାନେ ଭାବନ୍ତି ଏହା ତାଙ୍କ ଧର୍ମ ଓ ପରମ୍ପରାର ବିରୋଧୀ । ସାମାଜିକ ନ୍ୟାୟ ଆନ୍ଦୋଳନ ଜଟିଳ ଅବସ୍ଥାରେ ପହଁଚେ ଯେତେବେଳେ ଅସମାନତାକୁ ଧାର୍ମିକ ଓ ପାରମ୍ପରିକ ଚିନ୍ତନର ସମର୍ଥନ ମିଳେ ।

ସମ୍ବିଧାନର ପ୍ରଣେତାମାନେ ଭଲଭାବେ ଉପଲବ୍ଧି କରିଥିଲେ ସମସ୍ତ ବର୍ଗର ଆର୍ଥିକ ବିକାଶ ସହିତ ଶାସନ ପ୍ରକ୍ରିୟାରେ ସମାନୁପାତିକ ଭାଗୀଦାରୀ ସାମାଜିକ ବୈଷମ୍ୟତାକୁ ଦୂରକରି ପାରିବ । ତେଣୁ ବିଭିନ୍ନ ଅନଗ୍ରସର ବର୍ଗର ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି । ଏପରିକି ଶାସନରେ ଭାଗୀଦାରୀକୁ ମଧ୍ୟ ସ୍ଥଳ ବିଶେଷରେ ନିଶ୍ଚିତ କରିଯାଇଛନ୍ତି । ସମ୍ବିଧାନର ପ୍ରଣେତାମାନେ ସର୍ବନିମ୍ନ ସୁରକ୍ଷିତ ସୁବିଧା ସୁଯୋଗର ବ୍ୟବସ୍ଥା କରିଯାଇଛନ୍ତି ସମାନତା ହାସଲ ପାଇଁ । ଏହାରି ଆଧାରରେ ସମ୍ପୂର୍ଣ୍ଣ ସମାନତା ହାସଲ ପାଇଁ ପ୍ରେରଣା ମଧ୍ୟ ଦେଇଯାଇଛନ୍ତି । ତେଣୁ ସମ୍ପୂର୍ଣ୍ଣ ସାମାଜିକ ନ୍ୟାୟ ପ୍ରାପ୍ତିପାଇଁ କେବଳ ସରକାର ଉପରେ ନିର୍ଭର କରିବା ଅସମୀଚିନ । ଏଥିପାଇଁ ସାମାଜିକ ନ୍ୟାୟ ଆନ୍ଦୋଳନର ନିର୍ମାଣ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଦିଗରେ ପ୍ରାଥମିକତା ହେଉଛି ସାମାଜିକ ଅନ୍ୟାୟର ଶୀକାର ହେଉଥିବା ଜାତିସମୂହ ଓ ଗୋଷ୍ଠୀସମୂହକୁ ଉପଲବ୍ଧି କରାଇବା ଯେ ସେମାନେ ଶୋଷିତ ଓ ବଞ୍ଚିତ । ଏହି ଉପଲବ୍ଧି ତାଙ୍କୁ ସଙ୍ଗଠିତ ହେବାରେ ସହାୟକ ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଅନଗ୍ରସର ଗୋଷ୍ଠୀ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ଗୋଟିଏ ବୃହତ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଆନ୍ଦୋଳନ ତିଆରି କରିବା ଜରୁରୀ ।

ଭାରତବର୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନର ଇତିହାସ ବହୁ ପୁରାତନ । ଏହା ଉତଥାନ ପତନ ମଧ୍ୟଦେଇ ଚାଲିଆସିଛି । ସ୍ୱାଧୀନତା ପୂର୍ବର ସାମାଜିକ ଆନ୍ଦୋଳନର ପ୍ରଖରତା ସ୍ୱାଧୀନତା ପରେ ମନ୍ଥର ହୋଇ ଯାଇଥିଲା । କାରଣ ସାମାଜିକ କର୍ମୀମାନେ ଭାବିଥିଲେ ଯେ ସମ୍ବିଧାନରେ ସାମାଜିକ ନ୍ୟାୟପାଇଁ ଲିପିବଦ୍ଧ ନିୟମ ଏହା ହାସଲ କରିବାରେ ସହାୟକ ହେବ । କିନ୍ତୁ ପରେ ଉପଲବ୍ଧି ହେଲା ଯେ ସମ୍ବିଧାନରେ ସାମାଜିକ ନ୍ୟାୟର ଗ୍ୟାରେଣ୍ଟି ଯଥେଷ୍ଟ ନୁହେଁ । ଏଥିପାଇଁ ଲୋଡ଼ା ସାମାଜିକ ଆନ୍ଦୋଳନ, ଯାହା ସଚେତନତା ତିଆରି କରିବ । ଏହା ନହେଲେ ସମ୍ବିଧାନର ଲିପିବଦ୍ଧ ଗ୍ୟାରେଣ୍ଟିକୁ ସଙ୍କୁଚିତ କରିବାର ପ୍ରୟାସ ହେବ । ଏହାକୁ ଅକାମୀ କରିବାର ଉଦ୍ୟମ ହେବ । କେବଳ ସାମାଜିକ ଆନ୍ଦୋଳନ ଜରିଆରେ ଏହାକୁ ରୋକାଯାଇ ପାରିବ । ୧୯୯୦ ମସିହାରେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପୁଣି ସାମାଜିକ ନ୍ୟାୟ ଆନ୍ଦୋଳନକୁ ଉଦଜିବୀତ କରିଛି । ସମାନ ଅଧିକାରରୁ ସମସ୍ତ ବଞ୍ଚିତ ବର୍ଗ ଉପଲବ୍ଧି କଲେଣି ସେମାନେ ଅନ୍ୟାୟର ଶୀକାର ହୋଇଛନ୍ତି । ଏଥିପାଇଁ ଦୋଷୀ ଏମାନେ ନିଜେ । ନିଜ ଭିତରେ ଲୁଚି ରହିଥିବା ନିମ୍ନ ହେବାର ମାନସିକତା ଏଥିପାଇଁ ଦାୟୀ । ଏମାନେ ସଙ୍ଗଠିତ ହୋଇ ସମାନତା ପାଇଁ ନିଜର ଅନୁକୂଳ ଶାସନ ଓ ପ୍ରଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି । ଫଳରେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ସମସ୍ତ କ୍ଷେତ୍ରରେ ସାମାଜିକ ଅସନ୍ତୁଳନ ବଳବତ୍ତର ରହିଛି ।

ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ସାମାଜିକ ଆନ୍ଦୋଳନର ଯେଉଁପରି ଆବଶ୍ୟକତା ରହିଛି, ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଅନୁକୂଳ ସରକାର ଗଠନର ମଧ୍ୟ ସେହିପରି ଆବଶ୍ୟକତା ରହିଛି । ସାମାଜିକ ନ୍ୟାୟ ଆନ୍ଦୋଳନର ସଫଳତା ଉପରେ ଏପରି ସରକାର ଗଠନର ସମ୍ଭାବନା ତିଆରି ହୁଏ । ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ୧୯୯୦ର ମଣ୍ଡଳ ତରଙ୍ଗ ଦେଶର ରାଜନୈତିକ ବାତାବରଣକୁ ବଦଳାଇ ଦେଇଛି । ସେ ସମୟରେ ଯେଉଁମାନେ ସାମାଜିକ ନ୍ୟାୟ ଆନ୍ଦୋଳନର ମଙ୍ଗ ଧରିଥିଲେ ସେମାନେ ପରେ ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱରେ ପରିଣତ ହେଲେ । କ୍ଷମତାରୁ ବଞ୍ଚିତ ଗୋଷ୍ଠୀମାନେ କ୍ଷମତାର ସ୍ୱାଦ ଚାଖିଲେ । ସାମାଜିକ ସ୍ତରରେ କିଛି ମାତ୍ରାରେ ନିଜର ଅଧିକାର ଓ ସମ୍ମାନକୁ ସ୍ଥାପିତ କରିବାକୁ ସଫଳ ହେଲେ । ସେ ତରଙ୍ଗର ପ୍ରସାରଣ ଏବେବି ଅବ୍ୟାହତ ରହିଛି । ଅବୁଝା ଲୋକମାନେ ସାମାଜିକ ନ୍ୟାୟର ଗତି ଓ ଲକ୍ଷ୍ୟ ବିଷୟରେ ବୁଝିବା ଆରମ୍ଭ କଲେଣି । ଯେଉଁଦିନ ସାମାଜିକ ଅନ୍ୟାୟର ଶୀକାର ଗୋଷ୍ଠୀଗୁଡିକ ସଚେତନ ହୋଇ ନିଜ ମଧ୍ୟରେ ଯୋଗସୂତ୍ରର କଡି ତିଆରି କରିନେବେ ସେହିଦିନ ପ୍ରତ୍ୟେକ ବ୍ୟବସ୍ଥା କ୍ଷେତ୍ରରେ ଭୂଚଳନ ଦେଖାଦେବ । ସାମାଜିକ ନ୍ୟାୟର ବ୍ୟବସ୍ଥାଗତ ଢାଞ୍ଚା ତିଆରି ହୋଇଯିବ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ।

ସାମାଜିକ ନ୍ୟାୟ ଆନ୍ଦୋଳନ ସମଗ୍ର ଭାରତବର୍ଷରେ ଊଣାଅଧିକେ ଚାଲିଛି । କିଛି ସଫଳତା ମଧ୍ୟ ମିଳିଛି । ଯେଉଁ ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନକୁ ନେତୃତ୍ୱ ଦେବାକୁ ଉପଯୁକ୍ତ ବ୍ୟକ୍ତି ବା ବ୍ୟକ୍ତିସମୂହ ମିଳିଛି ସେଠାରେ ଏ ଆନ୍ଦୋଳନର ସ୍ୱଷ୍ଟ ଉପସ୍ଥିତି ଉପଲବ୍ଧ ହେଉଛି । ଆମ ରାଜ୍ୟ ଓଡ଼ିଶାରେ ସାମାଜିକ ସଚେତନତା ରହିଛି, କିନ୍ତୁ ଏହା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇନାହିଁ । ତେଣୁ ସ୍ୱଳ୍ପ ଅନୁଭୂତ ହେଉଛି । ଓଡିଶାରେ ବୈଷ୍ୟମର ଶୀକାର ହୋଇଥିବା ବିଭିନ୍ନ ଗୋଷ୍ଠୀର ସାମୁହିକ ଜନସଂଖ୍ୟା ସର୍ବାଧିକ । ତଥାପି ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନ ଦାନା ବାନ୍ଧି ପାରିନାହିଁ । ଅନେକଙ୍କ ଧାରଣା ସାମାଜିକ ନ୍ୟାୟ ଆନ୍ଦୋଳନ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଏହା ସମାଜରେ ସ୍ଥିତାବସ୍ଥାକୁ ବିଗାଡି ଦେବ । ଏହା ନାକାରାତ୍ମକ ବିଚାର । ଭାରତୀୟ ସମାଜକୁ ସଜାଡ଼ିବା ପାଇଁ ଓ ପ୍ରଗତିର ମାର୍ଗରେ ପରିଚାଳିତ କରିବା ପାଇଁ ଏହା ଜରୁରୀ । ସାମାଜିକ ସମାନତା ସମସ୍ତଙ୍କ ଜନ୍ମଗତ ଅଧିକାର । ଏହା ମାନବିକତାର ପ୍ରଶ୍ନ ମଧ୍ୟ । ଓଡ଼ିଶାରେ ଏହି ଆନ୍ଦୋଳନର ଆବଶ୍ୟକତା ରହିଛି । ବିଡ଼ମ୍ବନା ହେଉଛି ଏହି ଆନ୍ଦୋଳନକୁ ନେତୃତ୍ୱ ଦେବାପାଇଁ ସେପରି ନେତୃତ୍ୱ ଓଡ଼ିଶାରେ ତିଆରି ହୋଇନାହିଁ କିମ୍ବା କେହି ନେତୃତ୍ୱ ନେବାକୁ ଆଗେଇ ଆସିନାହାଁନ୍ତି । ତେଣୁ ସାମାଜିକ ନ୍ୟାୟ ଆନ୍ଦୋଳନର ସଫଳତା ପାଇଁ ଆମ ରାଜ୍ୟରେ ନେତୃତ୍ୱ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇ ପଡିଛି ବୋଲି ହୃଦବୋଧ ହେଉଛି ।

# 'ଗାଇ ଥେରାପି'ରେ ସୁସ୍ଥ ହେଉଛନ୍ତି ମାନସିକ ରୋଗୀ



ଅଷ୍ଟ୍ରେଲିଆରେ ଭାରତୀୟ ଗାଈଙ୍କ ଜରିଆରେ ମାନସିକ ଭାବେ ଅସୁସ୍ଥ ଥିବା ଲୋକମାନଙ୍କର ଚିକିତ୍ସା କରାଯାଉଛି । ତାକୁ 'କାଓ ଥେରାପି' ବୋଲି କୁହାଯାଉଛି । ସେଠାକାର ନର୍ଥ କ୍ୱିନ୍‌ସଲାଣ୍ଡରେ ଏଥିଲାଗି ଆନୁଷ୍ଠାନିକ ଭାବେ 'କାଓ କାଉନ୍‌ସିଲିଂ' ଫାର୍ମ ବି ଖୋଲାଯାଇଛି । ସେଠାକୁ ଲୋକମାନେ ଆସି ମାନସିକ ଶାନ୍ତି ଲାଗି ଗାଈ ସହ ସମୟ ବିତାଉଛନ୍ତି । ସେମାନଙ୍କର ସେବା କରୁଛନ୍ତି । ସେମାନଙ୍କୁ କୁଣ୍ଢାଇ ନିଜର ସୁଖଦୁଃଖ ସେୟାର କରୁଛନ୍ତି । 'କାଓ ଥେରାପି' ଲାଗି ସେମାନଙ୍କଠାରୁ ଦେୟ ଆକାରରେ କିଛି ଅର୍ଥ ଆଦାୟ କରାଯାଉଛି । ଏହି ଥେରାପି ପାଇଁ ଭାରତୀୟ ଗାଈମାନଙ୍କୁ ବାଛିବାର କାରଣ ହେଲା ଏମାନେ ଅନ୍ୟ ପ୍ରଜାତିର ଗାଈଙ୍କ ଅପେକ୍ଷା ଶାନ୍ତ । ପ୍ରଥମରୁ ଲୋକଙ୍କୁ ଆକ୍ରମଣ କରିବାକୁ ପ୍ରସ୍ତୁତ ରୁହନ୍ତି ନାହିଁ । ଏ ସମ୍ପର୍କରେ ଜଣେ ରୋଗୀ ଡୋନା ଏଷ୍ଟିଲ୍ କହିଛନ୍ତି, ମୁଁ ପର୍ସନାଲିଟି ଡିଜ୍‌ଅର୍ଡର, ଉତ୍କଣ୍ଠା ଓ ମାନସିକ ଅବସାଦରେ ପୀଡ଼ିତ । କାଉନ୍‌ସିଲିଂ କେନ୍ଦ୍ରରେ ଗାଈଗୁଡ଼ିକଙ୍କର ସେବା କରିବା ଦ୍ୱାରା ଧୀରେ ଧୀରେ ଠିକ୍ ହେଉଛି । ଏହି ଭାରତୀୟ ଗାଈଗୁଡ଼ିକ ମୋ' ଜୀବନ ବଞ୍ଚାଇଛନ୍ତି । ବର୍ଷକ ପୂର୍ବରୁ ଯଦି କେହି ମୋତେ 'କାଓ ଥେରାପି' କଥା କହିଥାନ୍ତେ ତା' ହେଲେ ମୋତେ ହାସ୍ୟାସ୍ପଦ ଲାଗିଥାନ୍ତା । କିନ୍ତୁ ଏବେ ଏହା ମୋତେ ଏକ ନୂଆ ଜୀବନ ଦେଇଛି । ବର୍ଷକ ମଧ୍ୟରେ ମୁଁ ବହୁ ପରିମାଣରେ ଠିକ୍ ହୋଇଯାଇଛି । ମାନସିକ ଅବସାଦ ସହିତ ଅଟିଜିମ୍ ସମସ୍ୟା ଭୋଗୁଥିବା ରୋଗୀଙ୍କୁ ବି ଏଠାରେ ଚିକିତ୍ସା କରାଯାଉଛି । ଅଟିଜିମ୍ ସମ୍ପର୍କରେ କାର୍ଯ୍ୟ କରୁଥିବା ବୈଜ୍ଞାନିକ ଟେମ୍ପଲ ଗ୍ରାଡିନ୍ କହିଛନ୍ତି, ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଅନ୍ୟ ଲୋକଙ୍କ ସହିତ ସହଜ ହୋଇପାରନ୍ତି ନାହିଁ । କିନ୍ତୁ ପଶୁପକ୍ଷୀଙ୍କ ସହ ଖୁବ୍ ଆରାମରେ ମିଶିଯାଆନ୍ତି । ତା' ପରେ ମଣିଷଙ୍କ ସହ ମିଶିବା ସହଜ ହୋଇଯାଏ । ଆଗରୁ ଏହି ରୋଗୀମାନଙ୍କୁ ଘୋଡ଼ାଶାଳକୁ ନିଆଯାଉଥିଲା । ତାକୁ 'ଇକ୍ୱାଇନ୍ ଥେରାପି' କୁହାଯାଇଥାଏ । ବର୍ତ୍ତମାନ 'ଇକ୍ୱାଇନ୍ ଥେରାପି'ର ବିକଳ୍ପ ଭାବେ ଅଷ୍ଟ୍ରେଲିଆରେ 'କାଓ ଥେରାପି' ଲୋକପ୍ରିୟ ହେଉଛି । ଫାର୍ମ ଆରମ୍ଭ କରିଥିବା ୩୪ ବର୍ଷୀୟ ଲରେନ୍ସ ଫଙ୍କ କହନ୍ତି, ମୁଁ ସେଣ୍ଟ୍ରାଲ କ୍ୱିନସଲାଣ୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରୁଥିବାବେଳେ 'କାଓ ଥେରାପି' କରାଇବାର ଆଇଡିଆ ମନକୁ ଆସିଥିଲା । ମୁଁ ଏଠାରେ ଲୋକଙ୍କୁ ଠିକ୍ ହେଉଥିବାର ଦେଖୁଛି । ବିଭିନ୍ନ ପ୍ରକାର ମାନସିକ ରୋଗରେ ପୀଡ଼ିତ ଲୋକେ ଏଠାକୁ ଆସୁଛନ୍ତି । ପୂର୍ବରୁ ମୁଁ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଥିବା ଘୋଡ଼ାଙ୍କ ସହ ଦୀର୍ଘ ଦିନ ବିତାଇଛି । ସେମାନେ ସ୍ୱଭାବତଃ ଆକ୍ରାମକ ହୋଇଥାନ୍ତି । କିନ୍ତୁ ଗାଈଙ୍କ ସହ ସମୟ ବିତାଇଲେ ଶାନ୍ତି ଓ ଖୁସି ମିଳିଥାଏ । ସେଥିଲାଗି ମାନସିକ ଅବସାଦଗ୍ରସ୍ତ ଲୋକମାନେ ସ୍ୱାଭାବିକ ହେଉଛନ୍ତି ।

# ସ୍ତ୍ରୀଙ୍କୁ ପ୍ରେମିକ ହାତରେ ଛାଡ଼ି ଦେଲେ ସ୍ୱାମୀ

ଯୁବକ ଓ ଯୁବତୀଙ୍କର ପ୍ରେମ-ପ୍ରସଙ୍ଗ ମାମଲାରେ ଯେଉଁଠି ସମାଜର ଲୋକ ଶତ୍ରୁ ହୋଇ ଠିଆ ହୋଇଯା'ନ୍ତି, ସେଇଠି ଜଣେ ବ୍ୟକ୍ତି ପ୍ରେମୀ ଯୁଗଳଙ୍କୁ ମିଶାଇବା ପାଇଁ ନିଜର ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି । ଖାଲି ଏତିକି ନୁହେଁ ସେ ନିଜ ସ୍ତ୍ରୀର ହାତ ଅନ୍ୟ ପୁରୁଷ ହାତରେ ମିଳାଇ ଦେଇଛନ୍ତି । ସୂଚନା ଅନୁଯାୟୀ, ଜଣେ ଯୁବତୀ ଜଣେ ଯୁବକଙ୍କୁ ଭଲ ପାଉଥିଲେ । ଏହି ସମୟରେ ତାଙ୍କ ପରିବାର ଲୋକ ଅନ୍ୟ ସ୍ଥାନରେ ତାଙ୍କ ବିବାହ କରିଦେଲେ । ସ୍ୱାମୀଙ୍କ ପାଖରେ ରହି ବି ଯୁବତୀ ଜଣଙ୍କ ନିଜର ପ୍ରେମିକଙ୍କୁ ଭୁଲି ପାରୁନଥିଲେ । ଶାଶୁ ଘରେ ରହିଲେ ବି, ସେ ପ୍ରେମିକ ସହ ଲୁଚି ଛପି କଥାବାର୍ତ୍ତା ହେଉଥିଲେ । ଏ ବିଷୟରେ ଯେବେ ସ୍ୱାମୀ ଜାଣିଲେ, ସତ କ'ଣ ପଚାରିବାରୁ ଯୁବତୀ କିଛି କହି ନଥିଲେ । ହେଲେ ଦିନେ ଦୁହିଁଙ୍କୁ ଯେତେ ସ୍ୱାମୀ ରଙ୍ଗେ ହାତରେ ଧରିଲେ, ସେତେବେଳେ ପଞ୍ଚାୟତ ବସିଲା । ପଞ୍ଚାୟତରେ ସର୍ବସମ୍ମୁଖରେ ଯୁବକ ଜଣଙ୍କ ନିଜ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକଙ୍କୁ ପ୍ରଦାନ କରିଥିଲ । ମାମଲାଟି ରାମପୁର ଜିଲ୍ଲାର ଅଜିମନଗର ଥାନା ଅଞ୍ଚଳସ୍ଥ ଦୌକପୁରୀ ଟାଣ୍ଡା ଗାଁରେ ଘଟିଛି । ଏହି ଗାଁରେ ରହୁଥିବା ଜଣେ ଯୁବତୀଙ୍କର ଖେଡା ଟାଣ୍ଡାର ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା । ଯୁବତୀଙ୍କ ପରିବାର ଲୋକେ ତାଙ୍କ ପ୍ରେମକୁ ବିରୋଧ କରି ଅନ୍ୟ ଜଣେ ଯୁବକଙ୍କ ସହ ତାଙ୍କର ବିବାହ କରିଦେଲେ । ବିବାହ ପରେ ନବବିବାହିତା ନିଜର ପତିଙ୍କ ସହ ତାଙ୍କ ଘରେ ରହୁଥିଲେ । କିଛି ଦିନ ସାଥିରେ ରହିବା ପରେ ନବବିବାହିତାଙ୍କୁ ନିଜ ପ୍ରେମିକଙ୍କ କଥା ମନେପଡ଼ିଲା । ନବବିବାହିତା ସୁଯୋଗ ପାଇ ନିଜର ପ୍ରେମିକ ସହ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି କଥା ହେଉଥିଲେ । ସ୍ୱାମୀ ଅନେକ ବୁଝାଇବା ପରେ ବି ସେ ନିଜର ପ୍ରେମିକ ସହ କଥାବାର୍ତ୍ତା ଜାରି ରଖିଲେ । ଦିନେ ସ୍ତ୍ରୀଙ୍କୁ ତାଙ୍କର ପ୍ରେମିକ ସହ ଥିବାର ଧରି ନେଲେ ସ୍ୱାମୀ । ଏହାପରେ ହଙ୍ଗାମା ଆରମ୍ଭ ହୋଇଗଲା । ମାମଲା ଯାଇ ପୋଲିସ୍ ପାଖରେ ପହଞ୍ଚିଲା । ଗାଁ ପଞ୍ଚାୟତ ବସିଲା । ହେଲେ ପଞ୍ଚାୟତ ନିଜର ନିଷ୍ପତ୍ତି ଶୁଣାଇବା ପୂର୍ବରୁ ସ୍ୱାମୀ ନିଜ ପତ୍ନୀଙ୍କର ହାତ ତାଙ୍କର ପ୍ରେମିକ ହାତରେ ଟେକି ଦେଇଥିଲେ । ଆଉ ସ୍ତ୍ରୀଙ୍କୁ କହିଥିଲେ ଖୁସି ଖୁସିରେ ତୁମ ବାକି ଜୀବନ କଟେଇଦିଅ ।

# ଇଲିଆନା



ନିକଟରେ କ୍ୟାଟ୍ରିନା କୈଫ ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ମାଳଦ୍ୱୀପ୍ ଯାଇଥିଲେ । ସେଠାରେ ଜନ୍ମ ଦିନର କିଛି ଫଟୋ ସେୟାର କରିଥିଲେ । ଯାହା ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା । ସବୁଠାରୁ ବଡ କଥା ଏହି ପାର୍ଟିରେ ଇଲିଆନା ଡି'କ୍ରୁଜ ମଧ୍ୟ ନଜର ଆସିଥିଲେ । ପ୍ରଥମେ ସମସ୍ତେ ଭାବୁଥିଲେ ଯେ କ୍ୟାଟ୍ରିନା ଏବଂ ଇଲିଆନା ଦୁଇ ବନ୍ଧୁ ହୋଇପାରନ୍ତି । କିନ୍ତୁ ତା'ପରେ ଖବର ଶୁଣିବାକୁ ମିଳିଥିଲା ଯେ, ଇଲିଆନା କ୍ୟାଟ୍ରିନାଙ୍କ ଭାଇ ସେବାଷ୍ଟିଆନଙ୍କୁ ଡେଟ କରୁଛନ୍ତି । ହେଲେ ଏବିଷୟରେ କୌଣସି ପ୍ରକାରର ନିଶ୍ଚିତ ହୋଇନାହିଁ । କିନ୍ତୁ ବର୍ତ୍ତମାନ କରଣ ଜୋହର ଏହି ଖବରକୁ ନେଇ ନିଶ୍ଚିତ କରିନାହାନ୍ତି । ନିକଟରେ କରଣ ଜୋହର ତାଙ୍କ ଶୋ କଫି ୱିଥ୍ କରଣରେ କହିଥିଲେ କି କ୍ୟାଟ୍ରିନାଙ୍କ ପରିବାର ସହିତ ଇଲିଆନାଙ୍କର ଏକ ଗଭୀର ସମ୍ପର୍କ ଅଛି । ଏହାକୁ ନେଇ କରଣ କୁହନ୍ତି, 'ମାଲଦ୍ୱୀପ ଭ୍ୟାକେସନ୍‌ର କିଛି ଫଟୋ ଦେଖିବାକୁ ମିଳିଥିଲା । ମୁଁ ମୋ ମନରେ ଭାବୁଥିଲି କି ମୁଁ ଏହି ଦୁଇଜଣଙ୍କୁ ପ୍ରଥମ ଥର ଏକାଠି ଦେଖୁଛି । ଏବଂ ତା'ପରେ ମୁଁ ବୁଝିଗଲି କି ସବୁକିଛି ବହୁତ ଶୀଘ୍ର ହେଉଛି । କରଣଙ୍କ ଏହି କଥା ଶୁଣିବା ପରେ କ୍ୟାଟ୍ରିନା ହସିବାକୁ ଲାଗିଲେ ଏବଂ କହିଥିଲେ ଯେ କରଣ ତମେ ତମ ଚାରିପାଖରେ ଥିବା ଅନେକ ଜିନିଷ ଲକ୍ଷ୍ୟ କରନ୍ତ ଭଲ ହୁଅନ୍ତା । ଅନ୍ୟପଟେ କହିବାକୁ ଗଲେ ମାଲଦ୍ୱୀପ ଭ୍ୟାକେସନ୍ ପରେ ଇଲିଆନା ସେବାଷ୍ଟିଆନଙ୍କ ସହ ଫଟୋ ସେୟାର କରିନଥିଲେ । କାହିଁକି ନା ସେବାଷ୍ଟିଆନଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରାଇଭେଟ ଅଛି । ଉଲ୍ଲେଖଥାଉ କି, କ୍ୟାଟ୍ରିନା ମଧ୍ୟ ତାଙ୍କ ଶୋ'ରେ ଭିକିଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି । ପରେ, ଭିକିଙ୍କୁ ଡେଟ କରିବା ପାଇଁ ତାଙ୍କର କୌଣସି ପ୍ଲାନ ନଥିଲା । ଭିକିଙ୍କ ବିଷୟରେ ସେ ପ୍ରଥମେ ଜୋୟା ଅଖତରଙ୍କୁ କହିଥିଲେ । ଏହି ସମୟରେ, ଜୋୟାଙ୍କ ପାର୍ଟିରେ ଭିକିଙ୍କୁ ନେଇ ଫିଲିଂସ୍ ଆସିଥିଲା ଏବଂ ଗତ ବର୍ଷ ରାଜସ୍ଥାନରେ କ୍ୟାଟ୍ରିନା ଏବଂ ଭିକି ବିବାହ କରିଥିଲେ ।

# ମହେଶ ଭଟ୍ଟଙ୍କ ଅସଲ ନାମ ଅସଲମ: କଙ୍ଗନା



ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ ଅଧିକାଂଶ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି । ତାଙ୍କର ବିନ୍ଦାସ ଓ ବେକାବୁ ବୟାନକୁ ନେଇ ସେ ଖୁବ୍ ଚର୍ଚ୍ଚିତ । ଏବେ ସେ ବଲିଉଡ୍ ଫିଲ୍ମ ମେକର ମହେଶ ଭଟ୍ଟଙ୍କୁ ନେଇ ଏମିତି ଏକ ପୋଷ୍ଟ କରିଛନ୍ତି ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । କଙ୍ଗନା ମହେଶ ଭଟ୍ଟଙ୍କର ଏକ ଭିଡିଓ ଶେୟାର କରି କହିଛନ୍ତି ମହେଶ ଭଟ୍ଟଙ୍କ ଅସଲ ନାମ ହେଲା 'ଅସଲମ' । ଏଥିପାଇଁ କଙ୍ଗନା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ମହେଶ ଭଟ୍ଟଙ୍କ ଏକ ପୁରୁଣା ଭିଡିଓ ଶେୟାର କରିଛନ୍ତି । କଙ୍ଗନା ଲେଖିଛନ୍ତି, ମହେଶ ଭଟ୍ଟ ତାଙ୍କର ପ୍ରକୃତ ନାମ ବ୍ୟବହାର କରିବା ଦରକାର, ନୁହେଁ କି କୌଣସି ଧର୍ମର ପ୍ରତିନିଧିତ୍ୱ କରିବା ଦରକାର । ସୂଚନା ଅନୁଯାୟୀ, କଙ୍ଗନା ଏକ କ୍ଲିପର ସିରିଜରେ ମହେଶ ଭଟ୍ଟଙ୍କ ଏକ କଥିତ ଭିଡିଓ ଶେୟାର କରିବାକୁ ଇନଷ୍ଟାଗ୍ରାମ ଷ୍ଟୋରିର ସାହାଯ୍ୟ ନେଇଛନ୍ତି । ଏହି ଭିଡିଓରେ ସ୍ପଷ୍ଟ ନଜର ଆସୁଛି ଯେ, ମହେଶ ତାଙ୍କ ଅସଲ ନାମ ଓ ଇସଲାମ ସମ୍ପର୍କରେ ତାଙ୍କ ଚିନ୍ତାଧାରା କଥା କହୁଛନ୍ତି । ଭିଡିଓର ଆଉ ଏକ କ୍ଲିପ ଶେୟାର କରି କଙ୍ଗନା ଲେଖିଛନ୍ତି, ମୋତେ କୁହାଯାଇଛି କି ମହେଶ ଭଟ୍ଟଙ୍କ ପ୍ରକୃତ ନାମ ହେଉଛି ଅସଲମ । ସେ ତାଙ୍କ ଦ୍ୱିତୀୟ ପତ୍ନୀ (ସୋନି ରାଜଦାନ)ଙ୍କୁ ବିବାହ କରିବାକୁ ଧର୍ମ ପରିବର୍ତ୍ତନ କରିଥିଲେ । ସୂଚନାଯୋଗ୍ୟ, ୨୦୦୬ରେ ରିଲିଜ ହୋଇଥିବା ଫିଲ୍ମ 'ଗ୍ୟାଙ୍ଗଷ୍ଟାର' ମାଧ୍ୟମରେ ଅଭିନେତ୍ରୀ ବଲିଉଡରେ ଏଣ୍ଟ୍ରି କରିଥିଲେ । ଆଉ ସେହି ଫିଲ୍ମଟି ମହେଶ ଭଟ୍ଟଙ୍କ ପ୍ରଡକଶନର ଥିଲା । ଏହାପରେ କଙ୍ଗନା ମହେଶଙ୍କ ବିରୋଧରେ କିଛି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିଲେ । ୨୦୨୦ରେ ମହେଶ ଭଟ୍ଟ କଙ୍ଗନାଙ୍କୁ ମାରପିଟ କରିଥିବା ଅଭିନେତ୍ରୀ ଅଭିଯୋଗ କରିଥିଲେ ।

# ଟିଭି ରିମୋଟକୁ ନେଇ ଶାଶୂ-ବୋହୂ ଝଗଡ଼ା

ଟିଭି ରିମୋଟକୁ ନେଇ ପ୍ରତ୍ୟେକଙ୍କ ଘରେ ଅନେକ ସମୟରେ ଝଗଡ଼ା ହୋଇଥାଏ । ହେଲେ ଏହା କେହି କେବେ ଭାବି ନଥିବେ ଯେ, ଉକ୍ତ ମାମଲା ଏତେ ଗୁରୁତର ହୋଇପାରେ, ଆଉ ଥାନା ପର୍ଯ୍ୟନ୍ତ ବି ଯାଇପାରେ । ଅମ୍ବରନାଥରେ କିଛି ଏମିତି ହିଁ ହୋଇଛି । ଟିଭି ରିମୋଟକୁ ନେଇ ଶାଶୂ-ବୋହୂ ମଧ୍ୟରେ ଝଗଡ଼ା ଏମିତି ରୂପ ନେଲା ଯେ, ମାମଲା ଯାଇ ଥାନାରେ ପହଞ୍ଚିଗଲା ଏବଂ କେସ୍ ବି ରୁଜୁ ହୋଇଗଲା । ଆଉ ଝଗଡ଼ା ବେଳେ ବୋହୂ ଶାଶୂଙ୍କର ହାତକୁ ଦାନ୍ତରେ କାମୁଡ଼ି ଦେଲେ । ୩୨ ବର୍ଷୀୟା ବିଜୟା କୁଲକର୍ଣ୍ଣି ଅମ୍ବରନାଥର ଗଙ୍ଗାଗିରି ଆପାର୍ଟମେଣ୍ଟରେ ସ୍ୱାମୀ ଓ ଶାଶୂଙ୍କ ସହ ରୁହନ୍ତି । ବିଜୟାଙ୍କର ଶାଶୂ ବୃଶାଳୀ କୁଲକର୍ଣ୍ଣି (୬୦) ବୋହୂ ନାଁରେ କେସ୍ ଦେଇଛନ୍ତି । ଶିବାଜୀନଗର ଥାନା ପୋଲିସ୍ ଅଧିକାରୀଙ୍କ ମୁତାବିକ, ଏହି ଦୁହିଁ ଜଣ ପରସ୍ପର ଭିତରେ ଅନେକ ସମୟରେ ଛୋଟ ଛୋଟ କଥାକୁ ନେଇ ଝଗଡ଼ା ହୋଇଥାନ୍ତି । ଗୋଟିଏ ସମୟରେ ଅଲଗା ଅଲଗା କାମ କରିବାକୁ ନେଇ ଅନେକ ଥର ସେମାନଙ୍କ ବିଷୟରେ କଳିର ସୂତ୍ରପାତ ଘଟେ । ବୃଶାଳୀ ନିଜର ଅଭିଯୋଗରେ କହିଛନ୍ତି କି ଗଣେଶ ପୂଜାର ଆରମ୍ଭରୁ ତାଙ୍କର ବୋହୂ ସହ ଟିଭି ଦେଖିବାକୁ ନେଇ ଝଗଡ଼ା ହେଉଛି । ବୃଶାଳୀ କହିବାନୁସାରେ ସେ ପୂଜା କରିବା ବେଳେ ତାଙ୍କର ବୋହୂ ବିଜୟା ଟିଭି ଅନ୍ କରି ବସିଯାନ୍ତି । ସୋମବାର ଯେବେ ସେ ପୂଜା କରୁଥିଲେ ବୋହୂ ଟିଭି ଅନ୍ କରିଦେଲେ । ଟିଭି ଶବ୍ଦରେ ସେ ଡିଷ୍ଟର୍ବ ହେଉଥିଲେ । ଏଥିପାଇଁ ସେ ଯାଇ ବିଜୟାଙ୍କ ହାତରୁ ରିମୋଟ ନେଇଗଲେ ଏବଂ ଟିଭି ବନ୍ଦ କରିଦେଲେ । ଏହି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ପରେ ବୋହୂ ବିଜୟା ଶାଶୂଙ୍କ ହାତକୁ କାମୁଡ଼ି ଦେଇଥିଲେ । ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି ।

ସକାଳସାଥୀ
SAKALA SATHI

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ସାଂଗଠନିକ ବୈଠକ

ବାଲେଶ୍ୱର, ତା ୧୩-୦୭: ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ବୈଠକ ଗୃହରେ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ବହୁ ସଭ୍ୟ ସଭ୍ୟା ଉପସ୍ଥିତ ହୋଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ସଂଗଠନକୁ ସକ୍ରିୟ ରଖିବା ପାଇଁ ପ୍ରସ୍ତାବ ରଖିଥିଲେ । ବିଶେଷ କରି ଅନ୍ୟମାନଙ୍କ ଭଳି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା କ୍ଷେତ୍ରରେ ସୁବିଧା ଓ ଚିକିତ୍ସା ଭ□ା ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା । ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ ଗତ ବୈଠକର ବିବରଣୀ ପାଠ କରିଥିଲେ । ଅର୍ଥ ସମ୍ପାଦକ ଶ୍ରୀ ଦାମୋଦର ନାୟକ ଆୟ ଓ ବ୍ୟୟର ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଶ୍ରୀ ସୁଦର୍ଶନ ଦାସ ବକ୍ତବ୍ୟ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ବେହେରା, ଲୋକନାଥ ମିଶ୍ରଙ୍କ ସୁରେନ୍ଦ୍ର ନାଥ ଦାସ, ଇଂ. ଗୌରାଙ୍ଗ ଚରଣ ସାହୁ, କୁମୁଦ ରଞ୍ଜନ ଗିରି, ଯୋଗେନ୍ଦ୍ର ସିଂ ବକ୍ତବ୍ୟ ରଖିଥିଲେ । ନୂତନ ସଦସ୍ୟା ଉର୍ମିଳାବାଳା ଦାଶଙ୍କୁ ସ୍ୱାଗତ କରାଯାଇଥିଲା ।

## ମୃତକଙ୍କ ପରିବାର ପକ୍ଷରୁ ଦୋଷୀଙ୍କୁ ଗିରଫ ଦାବି ନେଇ ଥାନା ଘେରାଉ,ଖୁବଶୀଘ୍ର ଗିରଫ କରାଯିବ : ଆଇଆଇସି

ଧାମନଗର ୧୩/୦୭/୨୪ ଧାମନଗର ଥାନା ଅଧୀନରେ ଥିବା ଦଇପୁର ପଞ୍ଚାୟତର ବାବୁରିଗାଁ ନାରାୟଣପୁର ପାଞ୍ଚ ନମ୍ବର କେନାଲ ନିକଟରେ ଗତ ୧୦ ତାରିଖରେ ଏକ ଲିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲା । ସୂଚନା ଅନୁସାରେ ମୃତକ ଜଣକ ହେଲେ ଉକ୍ତ ପଞ୍ଚାୟତର ନାରାୟଣପୁର ଗ୍ରାମର ସୁରେନ୍ଦ୍ର ପଣ୍ଡା ବୟସ (୫୯ ବର୍ଷ)ଯିଏକି ଜଣେ କାର୍ଯ୍ୟରତ ଶିକ୍ଷକ ଥିଲେ । ତେବେ ମୃତକଙ୍କ ପରିବାର ପକ୍ଷରୁ ଏହା ଏକ ସୁ କଳ୍ପିତ ହତ୍ୟା ଅଭିଯୋଗ ନେଇ ଧାମନଗର ଥାନାରେ ଲିଖିତ ଏତଲା ଦିଆଯାଇଛି । ପରିବାର ଲୋକେ ଏନେଇ କିଛି ପ୍ରମାଣ ମଧ୍ୟ ପୋଲିସକୁ ଦେଇଥିବା ଦାବି କରିଛନ୍ତି । ଆଜି ମୃତକଙ୍କ ପରିବାର ପକ୍ଷରୁ ଦୋଷୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଧାମନଗର ଥାନା ଘେରାଉ କରାଯାଇଥିବା ଦେଖିବାକୁ ମିଳିଛି । ଗତକାଲି ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜେ ଉକ୍ତ ପଞ୍ଚାୟତକୁ ଆସିଥିବା ବେଳେ ମୃତକଙ୍କ ପରିବାର ପକ୍ଷରୁ ତାଙ୍କୁ ମଧ୍ୟ ଏକ ଦାବିପତ୍ର ଦିଆଯାଇଛି । ତେବେ ଦାବିପତ୍ରକୁ ଗ୍ରହଣ କରି ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ସୁରେନ୍ଦ୍ରଙ୍କ ମୃତ୍ୟୁକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ସେମାନଙ୍କୁ ନ୍ୟାୟ ଓ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି । ଏନେଇ ମୃତକ ସ୍ୱର୍ଗତ ପଣ୍ଡାଙ୍କ ବିଧବା ପତ୍ନୀ ଉର୍ବଶୀ ପଣ୍ଡା,ଏକମାତ୍ର ପୁତ୍ର ଦେବଦୀପ ପଣ୍ଡା,କନ୍ୟା ମୋନାଲିସା ପଣ୍ଡା, ଭାଇ ରବିନ୍ଦ୍ର କୁମାର ପଣ୍ଡାଙ୍କ ସମେତ ୨୦ ରୁ ଉର୍ଦ୍ଧ୍ୱ ଗାଁ ଲୋକ ଧାମନଗର ଥାନାରେ ପହଞ୍ଚି ଦୋଷୀକୁ ଧରିବାକୁ ଦାବି କରିଥିଲେ । ଧାମନଗର ଥାନା ଆଇ ଆଇ ସି ଫନୀନ୍ଦ୍ର ଭୂଷଣ ନାୟକ ଘଟଣାର ତଦନ୍ତ ଜାରି ଅଛି ଏବଂ ଖୁବ ଶୀଘ୍ର ଫଳାଫଳ ସାମନାକୁ ଆସିବ । ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ନିଶ୍ଚୟ ଗିରଫ କରାଯିବ ।ଏଥିପାଇଁ ସମୟ ଦେବାକୁ ସେ ପରିବାର ଲୋକଙ୍କୁ କହିବା ସହ ସେମାନଙ୍କୁ ମଧ୍ୟ ତଦନ୍ତରେ ସହଯୋଗ କରିବାକୁ କହିଥିଲେ । ଏହି ଅବସରରେ ପୋଲିସ ମୃତକଙ୍କ ପରିବାର ବର୍ଗଙ୍କ ୧୬୧ ବୟାନ ରେକର୍ଡ କରିଥିବା ଜଣାଯାଇଛି ।(ଫଟୋ)

## ଗଣ୍ଡାହାତୀ ଜଳ ପ୍ରପାତରେ ମଜ୍ଜା ନେବାପାଇଁ ବଢୁଛି ବଢୁଛି ପର୍ଯ୍ୟଟକଙ୍କ ଭିଡ

ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାର ଏକ ଜନ ଗହଳୀ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ହେଉଛି ଗଣ୍ଡାହାତୀ ଜଳପ୍ରପାତ । ପାରଳାଖେମୁଣ୍ଡି ସହର ଠାରୁ ମାତ୍ର ୨୫କିମି ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନ ସ୍ଥଳୀକୁ ବର୍ଷ ତମାମ ପର୍ଯ୍ୟଟକ ମାନଙ୍କ ଗହଳୀ ଜମିଥାଏ ବିଶେଷ କରି ଗଜପତି, ଗଂଜାମ, ଜିଲ୍ଲାର ପର୍ଯ୍ୟଟକ ମାନେ ଏହି ଜଳପ୍ରପାତର ମଜ୍ଜା ନେବାପାଇଁ ଆସୁଥିବା ବେଳେ ବିଗତ କିଛି ବର୍ଷ ହେଲା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଅଧିକାଂଶ ପର୍ଯ୍ୟଟକ ମାନେ ପ୍ରତ୍ୟେକ ଦିନ ଆସିବାରେ ଲାଗିଛନ୍ତି । ଜୁନ ମାସ ଶେଷ ସପ୍ତାହ ବର୍ଷା ଆରମ୍ଭ ହେବାଠାରୁ ପୁଣି ଜାନୁଆରୀ ଶେଷ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ପିକନିକ କରିବା ସହ ପାରିବାର ସହ ସମୟ ବିତାଇବା ପାଇଁ ଏହି ଜଳପ୍ରପାତ ନିକଟକୁ ପହଞ୍ଚନ୍ତି ଲୋକେ । ବନ ବିଭାଗ ତରଫରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଠାରୁ କିଛି ଟଙ୍କା ଗାଡି ପାଇଁ ଆଦାୟ କରାଯାଉଥିବା ବେଳେ



ହୋଟେଲ କିମ୍ବା ରେଷ୍ଟୁରାଣ୍ଟ, ଚା କପି କ୍ୟାଣ୍ଟିନ ସୁବିଧା କରିବା ପାଇଁ ପର୍ଯ୍ୟଟକ ମାନେ ଦାବି କରିଥିଲେ । ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଜଳପ୍ରପାତରେ ଧିରେଧିରେ ଜଳର ସ୍ରୋତ ବଢିବାରେ ଲାଗିଛି ଏବଂ ପ୍ରପାତର ଉପର ମୁଣ୍ଡକୁ ସମସ୍ତ ପର୍ଯ୍ୟଟକ ମାନଙ୍କୁ ଛଡାଯାଉଛି ତେଣୁ ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଉପର ମୁଣ୍ଡରେ ପାଣି ବୋହୁଥିବା ଅଞ୍ଚଳକୁ ଏକ ରୋଡ଼ୱାଲ କରି ସୁରକ୍ଷା ଦେବାପାଇଁ ନିବେଦନ କରିଥିଲେ ପର୍ଯଟକ ମାନେ । କିଛି ବ୍ୟକ୍ତି ସେଠାକୁ ମଦ୍ୟପାନ କରି ଆସୁଥିବା ବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ପୋଲିସ କରିବାର ଆବଶ୍ୟକ ମଧ୍ୟ ରହିଛି । ଦିର୍ଘ ଦୁଇଦିନ ହେଲା ଉପର ମୁଣ୍ଡରେ ବର୍ଷାଜାରି ରହିଥିବାରୁ ପର୍ଯ୍ୟଟକ ମାନେ ବେଶ ମଜା ନେଉଥିବାର ନଜରକୁ ଆସିଥିଲା । ଆଗାମୀ ତିନିରୁ ଚାରିମାସ ପର୍ଯ୍ୟଟକ ମାନଙ୍କ ଭିଡ ଜମିବ ତେଣୁ ଏହାକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ଏହି ଅଞ୍ଚଳରେ ପିକନିକ କରିବା ପାଇଁ ପରିବାର ଲୋକଙ୍କୁ ନେଇ ଅଧିକାଂଶ ଲୋକେ ପହଞ୍ଚିଛନ୍ତି ଏମାନେ ସୁରକ୍ଷା ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ପର୍ଯ୍ୟଟକ ମାନେ ଆସିବା କମାଇଦେଇ ପାରନ୍ତି ତେଣୁ ବିଭାଗ ପକ୍ଷରୁ ଏଥିପ୍ରତି ଧ୍ୟାନ ଦେବାପାଇଁ ନିବେଦନ କରିଛନ୍ତି ସ୍ଥାନୀୟ ବାସିନ୍ଦା । ବର୍ତ୍ତମାନ ଆଉ ଏକ ପରିବର୍ତ୍ତନ ଦେଖିବା ପାଇଁ ମିଳିଛି ଉକ୍ତ ପର୍ଯ୍ୟଟନ ସ୍ଥଳ ନିକଟରେ । ତାହାହେଲା ଉକ୍ତ କିଛିକିଛି ଆଦିବାସୀ ପରିବାର ନିଜର ଅଞ୍ଚଳରେ ଉତ୍ପାଦନ ହେଉଥିବା ସପୁରୀ, କଦଳୀ, କମଳା ଏବଂ ଫୁଲଝାଡୁ ବିକ୍ରୟ କରୁଛନ୍ତି ଯାହା ପର୍ଯ୍ୟଟକ ମାନଙ୍କ ବେଶ ଆକର୍ଷଣ ପାଲଟିଛି । ଉକ୍ତ ସ୍ଥାନରେ କୌଣସି ଖାଦ୍ୟ ସାମଗ୍ରୀ ମିଳୁନଥିବା ବେଳେ ଏହି ଦେଶୀ ଏବଂ ସ୍ୱାଦିଷ୍ଟ ଫଳକୁ ବେଶ ଖୁସୀର ସହ କମ ଟଙ୍କାରେ କ୍ରୟ କରୁଛନ୍ତି ଗ୍ରାହକ ମାନେ ।

## ଶ୍ରୀ ଗୁଣ୍ଡିଚା ମନ୍ଦିରରେ ବଡଠାକୁରଙ୍କୁ ଦର୍ଶନ କଲେ ସାଂସଦ ରୁଦ୍ର ପାଣି

ଢେଙ୍କାନାଳ, ୧୩।୭: ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ବାଜିଚୌକସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପହଁଚି ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ବଡ ଠାକୁର ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଦୀପ ଦାନ କରି ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ତଥା ଓଡିଶାବାସୀଙ୍କ ଶୁଭ କାମନା କରିଥିଲେ । ଏହି ଦର୍ଶନ ସମୟରେ ଢେଙ୍କାନାଳ ବିଜେପି ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରମେଶ ସାମଲ, ସନାତନ ବେହେରା, ସତ୍ୟରଞ୍ଜନ ଭୂୟାଁ, ଶ୍ରୀ ଗୁଣ୍ଡିଚା ଭଜନ ସମାରୋହ କମିଟି ସଭାପତି ରୁଦ୍ରାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚ ବିଦ୍ୟାଳୟ କୁଲୁଣ୍ଡା ରେ ଶ୍ରୀ ସତ୍ୟ ସାଇ ସେବା ସମିତି ଅତାବିରା ଙ୍କ ମିଳିତ ସହଯୋଗ ରେ ବନ ମହୋତ୍ସବ ପାଳନ

ବରଗଡ:-୧୩.୭ ବରଗଡ ଜିଲ୍ଲା ଅତାବିରା ବ୍ଲକ ଅଧିନ କୁଲୁଣ୍ଡା ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚ ବିଦ୍ୟାଳୟ ରେ ଶ୍ରୀ ସତ୍ୟ ସାଇ ସେବା ସମିତି ଅତାବିରା ଙ୍କ ମିଳିତ ସହଯୋଗ ରେ ବନମହୋତ୍ସବ ପାଳନ ଅନୁଷ୍ଠିତ ହୋଇଯାଇଅଛି ।ପ୍ରଥମେ ଏକ ସଭା କରା ଯାଇଥିଲା ।ଏଥିରେ ବିଦ୍ୟାଳୟ ର ଇକୋକ୍ଲବ ଇନଚାର୍ଜ ପ୍ରକୃତି ବନ୍ଧୁ



ଶିକ୍ଷକ ପୁରନ୍ଦର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଉଦେଶ୍ୟ ଜ୍ଞା । ପ ନ କରିଥିଲେ ।ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ ସଭାପତିତ୍ୱ କରିଥିଲେ ।ସତ୍ୟ ସାଇ ସେବା ସମିତି ର ସମ୍ମାନିତ ଅତିଥି ସୁଜାତା ପଣ୍ଡା,ନରୋତ୍ତମ ମହାନ୍ତି,ସୌରଭ ବାଗ,ସୁଶାନ୍ତ ପ୍ରଧାନ ବନ ମହୋତ୍ସବର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ ।ଶେଷରେ ଶିକ୍ଷକ ସୁଶୀଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ବୃକ୍ଷ ରୋପଣ କରାଯାଇଥିଲା ଏବଂ ଛାତ୍ର ଛାତ୍ରୀ ମାନେ ଏକ ରାଲି କରିଥିଲେ । ଏଥିରେ ଶିକ୍ଷକ ଅଶୋକ ଭୋଇ ସୁବାସ ରଣା,ସଚ୍ଚିଦାନନ୍ଦ ପୂଜାରୀ, ଲୋକନାଥ ସାହୁ,ଅଧୀନ ସାହୁ,ରବି ପ୍ରଧାନ,ଚନ୍ଦ୍ରମଣି ସିଂହ ଓ ବୈଦ୍ୟନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଦିନୁ ଦିନୁ ସଫା ହେଉଛି ହାତୀଗାଁ ରିଜର୍ଭ ଜଙ୍ଗଲ, ହେଲେ ହାତରେ ହାତ ଦେଇ ବସିଛି ବନ ବିଭାଗ

ରାଇଘର ତା ୧୩/୦୭-ସରକାର ପରିବେଶ ସନ୍ତୁଳନ ସାଙ୍ଗକୁ ତାର ସୁରକ୍ଷା ନିମନ୍ତେ ବନ ବିଭାଗ କର୍ମଚାରୀ ମାନଙ୍କୁ ନିଯୁକ୍ତି କରିବା ସହ ମୋଟା ଦରମାର



ପ୍ରବନ୍ଧ ମଧ୍ୟ କରିଛନ୍ତି ।ହେଲେ ବନ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଅଳ୍ପ ଟିକେ ହାତଗୁଂଜା ଆଶାରେ ନିଜ ଗୁରୁ ଦାୟିତ୍ୱ ଭୁଲି ଯାଉଛନ୍ତି ।ଫଳ ସ୍ୱରୂପ ଦିନକୁ ଦିନ ଜଙ୍ଗଲ ସଫା ହୋଇଚାଲିଛି ଓ ପରିବେଶର ସନ୍ତୁଳନ ବିଗିଡି ବାରେ ଲାଗିଛି ।ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ହାତୀଗାଁ ଜଙ୍ଗଲ ।ପୂର୍ବରୁ ହାତୀଗାଁ ଜଙ୍ଗଲ ପାଖାପାଖି ୫୦୦ ହେକ୍ଟର ଏରିଆରେ ବିସ୍ତାରିତ ଥିଲା ।ଏବେ କିଛି ଜଙ୍ଗଲ ମାଫିଆମାନେ ଜଙ୍ଗଲ ଜମି ପାଇବା ଆଶାରେ ୪୦୦ରୁ ୫୦୦ ଏକର ଜଙ୍ଗଲ କାଟି ନଷ୍ଟ କରି ସାରିଲେଣି, ତଥାପି ବନ ବିଭାଗକୁ କିଛି ଫରକ ପଡୁନାହିଁ ।ଏପରିକି କିଛି ଗ୍ରାମବାସୀ ଏହି ଜଙ୍ଗଲ କଟାକୁ ବିରୋଧ କରି ଉଭୟ ବନପାଳଙ୍କ କାର୍ଯ୍ୟାଳୟ ଓ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇସାରିଛନ୍ତି ।ତଥାପି ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଅଭିଯୋଗ କରିବା ପରେ ଉଭୟ ଜଙ୍ଗଲ କାଟୁଥିବା ବ୍ୟକ୍ତି ମାନଙ୍କୁ ଓ ଗ୍ରାମବାସୀଙ୍କୁ ଡାକି ବୁଝାମଣା କରିଥିଲେ ଓ ଜଙ୍ଗଲ କାଟୁଥିବା ବ୍ୟକ୍ତିମାନଙ୍କୁ ଜଙ୍ଗଲ ନକାଟିବା ପାଇଁ ବାରଣ କରିଥିଲେ ।ହେଲେ ଜଙ୍ଗଲ କଟାଳିମାନେ ପ୍ରଶାସନର ନିର୍ଦ୍ଦେଶକୁ ନମାନି ପୁଣି ଜଙ୍ଗଲ କାଟିଚାଲିଛନ୍ତି ।ଯଦି ଜିଲ୍ଲା ପ୍ରଶାସନ ଏହି ଜଙ୍ଗଲ କାଟୁଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନିଅନ୍ତି ତେବେ ନବରଙ୍ଗପୁର ଜିଲ୍ଲାର ଏହି ବିଶାଳ ଜଙ୍ଗଲ ଆଉ କିଛି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଶେଷ ହୋଇଯିବ ।

## ବିଦ୍ୟାଳୟ ରେ ବିଜ୍ଞାନ କୁଇଜ୍




କାୟକଳ୍ପ ପକ୍ଷରୁ ବିଜ୍ଞାନ କୁଇଜ୍ କଟକ ରେଲୱେ ସେଟଲମେଣ୍ଟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯକ୍ରମ କୁ ପ୍ରଧାନ ଶିକ୍ଷକ ଆଶୁତୋଷ ମିଶ୍ର ଉଦ୍ଘାଟନ କରିଥିଲେ । ସୁପ୍ରସିଦ୍ଧ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଜୟଶ୍ରୀ ପଟ୍ଟନାୟକ, ଡି ଏସ ପି ରାଜକିଶୋର ସ୍ୱାଇଁ, ସମାଜ ସେବୀ କୃଷ୍ଣ ଶତପଥୀ ଅତିଥି ଭାବରେ ଯୋଗଦେଇ ଥିଲେ । ତ୍ରିଲୋଚନ ଦାଶ କୁଇଜ୍ ପରିଚାଳନା କରିଥିଲେ । ବ୍ରଜବାସିନୀ ମିଶ୍ର ସ୍କୋରର ଥିଲେ । ଶର୍ମିଷ୍ଠା, ମାମଲି ଶୁଭେନ୍ଦୁ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ । ସମସ୍ତ କୃତି ପ୍ରତିଯୋଗୀ ଙ୍କୁ ବିଶିଷ୍ଟ ସମାଜ ସଂସ୍କାରକ ଉଦୟନାଥ ମହାନ୍ତି ଙ୍କ ସ୍ମୃତିରେ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା । ଦିଲିପ ଜେନା, ସୁସ୍ମିତା ଶତପଥୀ, ରଶ୍ମିତା ପାଣିଗ୍ରାହୀ, ଗୌରାଙ୍ଗ ଘଡ଼େଇ, ସୁଚିସ୍ମିତା ସାହୁ, ନିସଶି ବନ୍ୟା ଦାଶ, କବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏଇ ଅବସର ରେ ପ୍ରଧାନ ଶିକ୍ଷକ ଙ୍କୁ ସମ୍ମାନିତ କରାଯାଇଥିଲା ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତିନ ରାସ୍ତାର ଶିଳାନ୍ୟାସ କଲେ-ମନ୍ତ୍ରୀ ସୂର୍ଯ୍ୟବଂଶୀ

ଧାମନଗର ୧୩/୦୭/୨୪ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଧାମନଗର ବ୍ଲକର ତିନୋଟି ସଡ଼କ ପାଇଁ ଶୁକ୍ରବାର ରାଜ୍ୟ ଉଚ୍ଚଶିକ୍ଷା,କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ପୂଜାର୍ଚ୍ଚନା ପରେ ଶିଳାନ୍ୟାସ କରିଛନ୍ତି । ଆର ଡି ପକ୍ଷରୁ ପ୍ରସ୍ତାବିତ ୭ କୋଟି ୮୪ ଲକ୍ଷର ଦଇପୁର-ଶନି - ମନ୍ଦିର ତାଳସିଠା ସଡକ,୫କୋଟି ୨୯ ଲକ୍ଷର ଅସୁରାଳି ଶ୍ରୀନାଥ ନଗର ସଡ଼କ ଏବଂ ୪କୋଟି ର ଧୂଷୁରୀ-ଗୋପବନ୍ଧୁନଗର ସଡକ ନିର୍ମାଣ ନିମନ୍ତେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଶିଳାନ୍ୟାସ କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଆର ଡି ବିଭାଗ ଏସଡିଓ ରଞ୍ଜନ କୁମାର ନାୟକ,ବିଜେପି ନେତା ଅଶୋକ ପୁହାଣ,ମନୋଜ ମଲ୍ଲିକ,ନାରାୟଣ ସାହୁ,ରଘୁନାଥ ଲେଙ୍କା,ଚତୁର୍ଭୁଜ ନାୟକ,ହରେକୃଷ୍ଣ ପାଢୀ,ଶରତ ଚନ୍ଦ୍ର ମହାନ୍ତି,ବିଦ୍ୟାଧର ରାଉତ, ସରପଞ୍ଚ ମୀନତି ସାହୁ, ସମିତି ସଭ୍ୟ ପାର୍ବତୀ ପ୍ରଧାନ,ଦୀପ୍ତି ରଞ୍ଜନ ଜେନା,ଅରବନ୍ଦ ପତି,ବୈକୁଣ୍ଠନାଥ ସାହୁ,ରାଜେନ୍ଦ୍ର କୁମାର ସାହୁ,ରାମଚନ୍ଦ୍ର ମିଶ୍ର, ଅଜୟ ବଳ,ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଏବଂ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ବିରାଟ ଶୋଭାଯାତ୍ରାରେ ବିଜେପି କର୍ମୀମାନେ ଦଇପୁର ଠାରୁ ସ୍ୱାଗତ ଜଣାଇ ଅସୁରାଳି ଏବଂ ଧୂଷୁରୀ ପର୍ଯ୍ୟନ୍ତ ନେଇଥିଲେ । ଏହି ସମୟରେ ବିଭିନ୍ନ ସ୍ଥାନରେ ମହିଳା ମାନଙ୍କ ଦ୍ୱାରା ମନ୍ତ୍ରୀ ଏବଂ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ଜଳପଥରେ ବାଣିଜ୍ୟିକ ବିକାଶକୁ ତ୍ୱରାନ୍ୱିତ କରିବ ପ୍ରସ୍ତାବିତ ସାଗରମାଳା ପ୍ରକଳ୍ପ

## ଅସ୍ତରଙ୍ଗର ୧୫ ଟି ଗାଁ କୁ ସଂଯୋଗ କରିବ ଉପକୂଳ ରାଜପଥ

କାକଟପୁର ୧୩/୭:ରାମେଶ୍ୱର ଠାରୁ ଦୀଘା ପର୍ଯ୍ୟନ୍ତ ୩୪୬ କିଲୋମିଟର ପ୍ରସ୍ତାବିତ ଉପକୂଳ ସାଗର ମାଳା ରାଜପଥ ପ୍ରକଳ୍ପ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଉପକୂଳ ରାଜପଥର ୩ଟି ପ୍ୟାକେଜ ପାଇଁ ଟେଣ୍ଡର ବାତିଲ କରିବାର ଦିନକ ପରେ ଆଲାଏନମେଣ୍ଟ ସଂଶୋଧନ, ପ୍ରକଳ୍ପର ପ୍ୟାକେଜ୍ ନଂ- ୩ର ସ୍ଥାନ ପରିବର୍ତ୍ତନ ଓ ପରିବେଶ ମଞ୍ଜୁରୀ ପାଇଛି । ।ଏହା ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ପୁନଃ ସମ୍ଭାବନା ସୃଷ୍ଟି ହୋଇଛି ।୩୪୬ କିଲୋମିଟର ଉପକୂଳ ରାଜପଥ ପ୍ରକଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ୧୭୬ କିଲୋମିଟର ରାମେଶ୍ୱର-ରତନପୁର ଏବଂ ୧୭୦ କିଲୋମିଟର ରତନପୁରରୁ-ଦିଘା ପର୍ଯ୍ୟନ୍ତ ଏହା ୫ଟି ପ୍ୟାକେଜରେ ନିର୍ମାଣ କରିବାକୁ ପ୍ରସ୍ତାବ ଅଛି । ତେବେ ବୈଷୟିକ ତ୍ରୁଟି ଓ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଓ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମିଳିତ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ପ୍ରସ୍ତାବିତ ଉପକୂଳ ରାଜପଥ ନକ୍ସାରେ ପରିବର୍ତ୍ତନକୁ ନେଇ ଜୋରଦାର ବିରୋଧ କରିଥିଲେ । ଏଥିସହ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମଣ୍ଡଳୀ ସମାଜସେବୀ ପ୍ରଶାନ୍ତ ରାଉତରାୟ ,ଗଙ୍ଗାଧର ନାୟକ, ଅଧିକାରୀ ବେହେରା,କାଳନ୍ଦୀ ଛାଟୋଇ, ଅଶୋକ ସ୍ୱାଇଁ ଚନ୍ଦ୍ରଶେଖର ବେହେରା,ସତ୍ୟବ୍ରତ ବିଶ୍ୱାଳ, ଶଶାଙ୍କ ସାହାଣୀ ଓ ମାନସ ରାଉତ ପ୍ରମୁଖ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାକ୍ଷାତ କରି ପ୍ରସ୍ତାବିତ ରାଜପଥକୁ ଅସ୍ତରଙ୍ଗ-ବାଲିକୁଦା ଉପକୂଳଠାରୁ ୨୫ କିଲୋମିଟର ଦୂରରେ ନିର୍ମାଣ ନକରିବାକୁ ନିବେଦନ କରିଥିଲେ । ଫଳରେ ଟେଣ୍ଡର ଗୁଡ଼ିକ ବାତିଲ ହୋଇଯାଇଥିଲା । ଏବେ ରାଜପଥ ଆଲାଏନମେଣ୍ଟକୁ ପୁନଃ ସଂଶୋଧିତ କରାଯାଇଛି । ଏବେ ଏହାର ଡିଆରପି ପ୍ରସ୍ତୁତ ହୋଇଛି ।ସଂଶୋଧିତ ଯୋଜନା ଅନୁସାରେ ସମୁଦ୍ର ଉପକୂଳବର୍ତ୍ତୀ ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି, ଅଠତିରା,ଅସରଫି ପୁର ,ବାରିପଦା,ବେଗୁନିଆବସ୍ତ ,ଦକ୍ଷିଣମୂଳ ,ଜିଉନ୍ତି,କଣ୍ଟାପଡ଼ା,



କେନ୍ଦ୍ରାପାଟି,କୁଣ୍ଡେଶ୍ୱର, ମୁଦୁଗଲ, ପିତାପଡ଼ା, ରିଭର ବ୍ଲକ ଓ ଆଳଙ୍ଗପୁର ପ୍ରଭୃତି ୧୫ଟି ଗାଁ ସହ ବାଲିକୁଦା ତହସିଲର ୧୦, କାକଟପୁର ତହସିଲର ୧୪ ଏବଂ ଏରସମା ତହସିଲର ୧୬ ଟି ଗାଁ ଦେଇ ଏହି ରାଜପଥ ନିର୍ମାଣ ହେବ। ପ୍ରାୟ ୮ ହାଜର କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରସ୍ତାବିତ ରାଜପଥ ରାଜ୍ୟର ୭ ଉପକୂଳବର୍ତ୍ତୀ ଜିଲା ଦେଇ ଗତି କରିବ ଏବଂ ଜାତୀୟ ରାଜପଥ -୧୬ରେ ଯାତାୟତ ଭିଡ଼ କମାଇ ଯାନବାହାନ ଚଳାଚଳକୁ ସହଜ କରିବା ସହ ପର୍ଯ୍ୟଟନକୁ ଅଧିକ ତ୍ୱରାନ୍ୱିତ କରିବ । ଏଥିସହିତ ଉପକୂଳ ରାଜପଥ ବନ୍ଦର ସହିତ ଯୋଗାଯୋଗକୁ ସୁଗମ କରିବ ବୋଲି

## ଶିକ୍ଷକ ତଥା ମୁଖ୍ୟ କିରାଣୀଙ୍କୁ ଚାକିରୀର ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର ୧୩/୦୭/୨୪ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୟୁକୋ ବ୍ୟାଙ୍କ ନିକଟସ୍ଥ ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଦ୍ରସା-ଗୌସିଆ-ଗୌଫିଆର ସହକାରୀ ଶିକ୍ଷକ ତଥା ମୁଖ୍ୟ କିରାଣୀ ଏମଡି ଅହେସାନୁଲ ହୋଦାଙ୍କୁ ବିଦ୍ୟାଳୟ ତରଫରୁ ଚାକିରୀର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶନିବାର ପୂର୍ବାହ୍ନରେ ମଦ୍ରସାର ଅଧ୍ୟକ୍ଷ ଏମଡି ଫାରୁକ ରଜାଙ୍କ ସଭାପତିତ୍ୱରେ ସହକାରୀ ଶିକ୍ଷକ ସେକ ସିରାଜୁଦ୍ଦିନ ଆୟୋଜିତ ସଭାକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମାଜସେବୀ ଡାକ୍ତର ମହମ୍ମଦ ସାଦ୍ଦିକ୍,ସମ୍ମାନିତ ଅତିଥି ଭାବେ ସେକ ମନୋଓର ଅହେମ୍ମଦ,ସେକ ଅବଦୁଲ ହାକିମ,ହାଜି ସେକ ହାଫିଜୁର ରହେମାନ୍,ସେକ୍ ଆଲାଉଦ୍ଦିନ୍,ପରିଚାଳନା କମିଟିର ବରିଷ୍ଠ ସଭ୍ୟ ମହମ୍ମଦ ଫଜଲେ ବାରି,ସେକ୍ ଜାଫର ଅଲ୍ଲୀ,ଗୋଲାମ ଜିଲ୍ଲାନି ହବିବି,ସେକ୍ ତାରବାବୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ହୋଦ ସାର ଜଣେ ମିଷ୍ଟଭାସି ତାଙ୍କର ଶିକ୍ଷାଦାନ ଏବଂ କାର୍ଯ୍ୟ ଦକ୍ଷ ସମ୍ପର୍କରେ ମତରଖି ଆମ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଓ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରି ସରାକର ଓ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଭାଷଣ ମାଧ୍ୟମରେ ଅତିଥି ମାନେ ଦାବି କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅହେସାନୁଲଙ୍କୁ ବିଦ୍ୟାଳୟ ତରଫରୁ ମାନପ ?ତ୍ର,ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ସ ?ହକାରୀ ଅଲହାଜ ସେକ ମୁକ୍ତାର ଅହେମ୍ମଦ (ମୁଖା),ଶିକ୍ଷକ ଏମଡି ଖଲିଲୁଲ୍ଲା,ଏମଡି ଫଏଜୁଲ ଓରା,ସେକ୍ ଫରିବ୍,ସେକ୍ ମତିଉଲା ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିବା ବେଳେ ଶେଷରେ ଶିକ୍ଷକ ସେକ୍ ଆଜାଦ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସପ୍ସି ଆପ୍ ବ୍ୟବହାର ତୃତୀୟ ବର୍ଷରେ ୩୩୦ ଲକ୍ଷ

ଭୁବନେଶ୍ୱର : ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ହାଇପର-ଭ୍ୟାଲ୍ୟୁ ପ୍ଲାଟଫର୍ମ ସପ୍ସି ଗର୍ବର ସହ ଭାରତରେ ୩୩୦ ନିୟୁତ ଆପ୍ ଡାଉନଲୋଡ୍ ଅତିକ୍ରମ କରିବାର ଉଲ୍ଲେଖନୀୟ ସଫଳତା ସହିତ ଏହାର ତୃତୀୟ ବର୍ଷ ପାଳନ କରିଛି । ଗତ ତିନି ବର୍ଷ ମଧ୍ୟରେ, ସୋପି ୧,୩୦୦ ବର୍ଗରେ ସୁଲଭ ମୂଲ୍ୟରେ ଉତ୍ପାଦ ପ୍ରଦାନ କରି ହାଇପରଭାଲ୍ୟୁ ଅନଲାଇନ୍ ସପିଂ ଅଭିଜ୍ଞତାକୁ ବୃଦ୍ଧି କରିଛି, ୧୯,୦ରୁ ଅଧିକ ପିନ୍ କୋଡ୍ରେ ଏହାର ପହଂଚକୁ ବିସ୍ତାର କରିଛି ଏବଂ ସମଗ୍ର ଭାରତର ସହର ଏବଂ ସହରରୁ ୧.୪ ନିୟୁତ (ଫ୍ଲିପକାର୍ଟ ସମେତ) ଏକ ସମୃଦ୍ଧ ବିକ୍ରେତା ସମୁଦାୟକୁ ପ୍ରୋହିତ କରିଛି ।

## କାର୍ଯ୍ୟରତ ସୁଦକ୍ଷ ପୋଲିସ ଏଏସଆଇଙ୍କ ପରଲୋକ ଗମନ



ଭୋଗରାଇ,: ବାଲେଶ୍ୱର ଜିଲ୍ଲା ଭୋଗରାଇର କମର୍ଦ୍ଦା ଥାନାରେ କାର୍ଯ୍ୟକରି ଆସିଥିବା ସୁଦକ୍ଷ ପୁଲିସ ଏଏସଆଇ ରାଧାଗୋବିନ୍ଦ ମଣ୍ଡୁଆଳ ଥିଲେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ । ଓଡ଼ିଶା ପୁଲିସ ବିଭାଗର ଜଣେ କର୍ତ୍ତବ୍ୟନିଷ୍ଠ ଓ ସୁଦକ୍ଷ ଅଧିକାରୀ । ସାଧାରଣ ଲୋକଙ୍କ ବନ୍ଧୁ ଓ ଅପରାଧୀଙ୍କ ପାଇଁ ଆତଙ୍କ । ସେ ତାଙ୍କର କାର୍ଯ୍ୟଦକ୍ଷତା, ବ୍ୟବହାର, ଆଚାର ଉଚ୍ଚାରଣ, ସାଧାରଣ ଜୀବନଶୈଳୀ ବଳରେ ସମସ୍ତଙ୍କୁ ପ୍ରଭାବିତ କରିଆସୁଥିଲେ । ଭୋଗରାଇ ଥାନା ଏବଂ ପରବର୍ତ୍ତୀ କମର୍ଦ୍ଦା ଥାନାରେ କାର୍ଯ୍ୟରତ ସମୟରେ ମଜାଳିଆ ବ୍ୟବହାର ସହିତ କର୍ତ୍ତବ୍ୟ ନିଷ୍ଠା ବଳରେ ସେ ସମସ୍ତଙ୍କୁ ଆପଣାଇ ପାରିଥିଲେ । ତାଙ୍କୁ ଆଉ ଆମେ ସଶରୀରରେ ପାଖରେ ପାଇପାରିବୁ ନାହିଁ । ଶୁକ୍ରବାର ରାତି ୧୧ ଟା ୪୫ ମିନିଟ ସମୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ତାଙ୍କର ପରଲୋକ ହୋଇଯାଇଛି । ସେହିଦିନ ବିଭାଗୀୟ କାର୍ଯ୍ୟରେ କମର୍ଦ୍ଦା ଥାନାରୁ ବାଲେଶ୍ୱର ଯାଇଥିବା ସମୟରେ ଅପରାହ୍ନ ୨ ଟା ସମୟରେ କାର୍ଯ୍ୟରତ ଅବସ୍ଥାରେ ସେଠାରେ ତାଙ୍କର ହୃଦଘାତ ହୋଇଥିଲା । ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ନିଆଯାଇଥିଲା । ତାଙ୍କର ଏହି ଅକାଳ ବିୟୋଗ ପାଇଁ ଭୋଗରାଇ ତଥା କମର୍ଦ୍ଦା ଅଞ୍ଚଳରେ ଦୁଃଖ ଓ ଶୋକର ଛାୟା ଖେଳିଯାଇଛି ।

# ଓଡିଶା ସରକାରଙ୍କ ଦୁଇ ମନ୍ତ୍ରୀ କାଶୀପୁର ଗ୍ରସ୍ତ କରି ବିଭିନ୍ନ ବିଭାଗର ସମୀକ୍ଷା




କାଶୀପୁର : ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମାନନୀୟକ୍ଷ ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ଓ ମିଶନ ଶକ୍ତି ବିଭାଗ, ଏବଂ ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା ମାନ୍ୟବର, ମାନ୍ୟବର ମନ୍ତ୍ରୀ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିଜ ବିଭାଗଙ୍କ ଆଜି ରାୟଗଡ ଜିଲ୍ଲା ଗସ୍ତ କରିଛନ୍ତି କ୍ଷ ରାୟଗଡ ଜିଲ୍ଲାର କାଶୀପୁର ଠାରେ ହେଲିକେପଟର ଯୋଗେ ନକଟିଘକ୍ଷଟିରେ ଅବତରଣ କରିବା ପରେ ସ୍ଥାନୀୟ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପହଂଚିଥିଲେ କ୍ଷ ସେଠାରେ ଓଡିଶାର ଉପମୁଖ୍ୟମନ୍ତ୍ରୀ, ମାନ୍ୟବର ମନ୍ତ୍ରୀ ଓ ବିଧାୟକଙ୍କୁ ମିଶନ ଶକ୍ତି ମହିଳା ଓ ଜନସାଧାରଣ ବିପୁଳ ପରିମାଣରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ କ୍ଷ ଏହାପରେ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ଓଡିଶା ଜୀବିକା ମିଶନ, ପର୍ଯ୍ୟଟନ ବିଭାଗର ବିଭାଗୀୟ କାର୍ଯ୍ୟକ୍ରମ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ କ୍ଷ ଶିଶୁ ବିକାଶ ବିଭାଗ ଉପରେ ଆଲୋଚନା କରି ମାନନୀୟକ୍ଷ ମନ୍ତ୍ରୀ ଜିଲ୍ଲାର ଶିଶୁ ବିକାଶ କାର୍ଯ୍ୟକ୍ରମ, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି,ନିଜସ୍ୱ ଗୃହ, ଅପପୃଷ୍ଟି ସମସ୍ୟା ଓ ତାହାର ସମାଧାନ କିପରି କଲେ ଦୁରହୋଇପାରିବ ସେଉପରେ ଅଧିକାରୀ ମାନଙ୍କୁ ଲିଖିତ ଭାବରେ ଦେବା ପକ୍ଷଇଁ କହିଥିଲେ କ୍ଷ ଅପପୃଷ୍ଟି ଅଞ୍ଚଳ ଚିହ୍ନଟ କରିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ମିଶନ ଶକ୍ତି ଉପରେ ଆଲୋଚନା କରି ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ କେତେ ଗୋଟି ଗୋଷ୍ଠୀ ଉପକୃତ ହୋଇଛନ୍ତି ସେମାନଙ୍କ ସ୍ଥିତି କଣ,ସଫଳତା ବିଫଳତାର କାରଣ, ବିପଣନ ବ୍ୟବସ୍ଥା ଓ ଲକ୍ଷପତି ଦିଦି ପାଇଁ ଜିଲ୍ଲାର ଧାର୍ଯ୍ୟ ଉପରେ ଆଲୋଚନା କରିଥିଲେ କ୍ଷ ଚଳିତ ବର୍ଷ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ୧ ଲକ୍ଷ ୩ହଜାର ଚାରା ରୋପଣ କରାଯଇଥିବାରୁ ଖୁସି ବ୍ୟକ୍ତ କରିଥିଲେ କ୍ଷ ସେହିପରି ପର୍ଯ୍ୟଟନ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ଗ୍ରାମ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସମ୍ଭକ୍ଷବ୍ୟ ପର୍ଯ୍ୟଟନ ସ୍ଥଳ ଚିନ୍ହଟ କରିବାକୁ ମାନନୀୟକ୍ଷ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ କ୍ଷ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଯେନା ଜିଲ୍ଲାର ପରିବହନ କାର୍ଯ୍ୟକ୍ରମ, କଡାକଡି ଭାବରେ ଯାଞ୍ଚ କରିବା , ଦୁର୍ଘଟଣା ସ୍ଥିତି ଆଦି ଉପରେ ଆଲୋଚନା କରିଥିଲେ କ୍ଷ ଜିଲ୍ଲା ଖଣିଜ ଅଧିକାରୀ ସହିତ ଜିଲ୍ଲାର କ୍ଷୁଦ୍ର ଓ ବୃହତ ଖଣିଜ କ୍ଷେତ୍ର ଉପରେ ପଚାରି ବିଝିଥିଲେ ଏବଂ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନ, କାଶୀପୁର ପଂଚାୟତ ସମିତି ଅଧକ୍ଷ କଣ୍ଠ ମାଝୀ, ଉପାଧକ୍ଷା, ଆଦି ମଞ୍ଚାସିନ ଥିଲେ କ୍ଷ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରୋଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲାପାରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ଶ୍ରୀମତୀ କିରଣ ଦୀପ କୌର ସାହାଟେ, ରାୟଗଡ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦ୍ୱୋ,କାଶୀପୁର ବିଡ଼ିଓ ଡ଼ଃ ଅମୃତଲାଲ, ନୂତନ ଭାବରେ ଯୋଗଦାନ କରିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ,ଡିପିଏମ ସ୍ନେହଲତା ପାଢ଼ୀ, ସିଡିପିଓ ଜ୍ୱସ୍ନା ରାଣୀ ବାରିକି, ଓଡିଶା ଜୀବିକା ମିଶନର ଡିପିଏମ ହେମନ୍ତ ବାଗ, ଆଂଚିଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଏମଭିଆଇ ହେମନ୍ତ କୁମାର ବେହେରା, ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଖଣିଜ ଦ୍ରବ୍ୟ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ, ନିରାକାର ପାଢ଼ୀ ଆଦି ଯୋଗଦାନ କରିଥିଲେ । ଏହାପରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜେନା,ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ,କୋରାପୁଟ ବିଧାୟକ ଶ୍ରୀଯୁକ୍ତ ମାଛ,ରାୟଗଡ ଜିଲ୍ଲାପାଳ ଆଦି କାଶୀପୁର ଠାରେ ନିର୍ମାଣ କରାଯାଇଥିବା ନୂତନ ଗିରିଗୋବର୍ଧନ ମନ୍ଦିରପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ ।

# ଲୁଗେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦାବି ହୋଇଛି ଶ୍ରେଣୀ ଗୃହ ଏବଂ ଅଫିସ ରୁମ



ମାଲକାନଗିରି - ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଲୁଗେଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୁଗେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଗୃହ ଏବଂ କାର୍ଯ୍ୟାଳୟ ନୂଆ ଭାବରେ ନିର୍ମାଣ ପାଇଁ ଦାବି କରିଛନ୍ତି ଛାତ୍ର, ଛାତ୍ରୀ, ଏବଂ ବିଦ୍ୟାଳୟ କର୍ତୃପକ୍ଷ । ଏସ ଏମ ସି ଚେୟାରପର୍ସନ ଭିମା ସନ୍ଦି ବିଦ୍ୟାଳୟ ର ଦୟନୀୟ ଅବସ୍ଥାକୁ ଦେଖି ମିଡିଆ ଡାକି ମିଡିଆ ମାଧ୍ୟମରେ ବିଦ୍ୟାଳୟର ନବୀକରଣ ନିମନ୍ତେ ବ୍ଲକ ପ୍ରଶାସନ ପାଖରେ ଗୁହାରି କରିଛନ୍ତି ଶୀଘ୍ର ନୂଆ ଷଷ୍ଠ ଶ୍ରେଣୀ ଗୃହ, ବିଦ୍ୟାଳୟ କାର୍ଯ୍ୟାଳୟ ଏବଂ ରୋଷେଇ ଘର ନିର୍ମାଣ କରିବା ପାଇଁ । ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ରୋଷେଇ ଘର ମଧ ନାହିଁ, ବଡ଼ କଷ୍ଟରେ ବିଦ୍ୟାଳୟ ବାରଣ୍ଡାରେ ରୋଷେଇ କରୁଛନ୍ତି ପାଚିକା । ଗତ ସାତ ତାରିଖ ଷଷ୍ଠ ଶ୍ରେଣୀ ଗୃହରେ ହଠାତ କଡ଼ କଡ଼ ସାଉଣ୍ଡ ହୋଇଥିବାରୁ ପ୍ରଧାନ ଶିକ୍ଷକ ଙ୍କୁ ତୁରନ୍ତ ଜଣାଇଥିଲେ ବିଦ୍ୟାର୍ଥୀ ମାନେ, ପ୍ରଧାନ ଶିକ୍ଷକ ଛାତକୁ ଅନେଇବା ପରେ ଦେଖିଛନ୍ତି ଛାତରେ ଲାଗିଥିବା ବିମ ତିନିଟା ଯାକ ମଝିରୁ ଫାଟି ଯାଇଛି । ସାଙ୍ଗେ ସାଙ୍ଗେ ବିଦ୍ୟାର୍ଥୀ ମାନଙ୍କୁ ଶ୍ରେଣୀ ଗୃହରୁ ବାହାରେ ବାହାର କରିଦେଇଛନ୍ତି। କିଛି ସମୟ ପରେ ଛାତରୁ କଂକ୍ରିଟ ଖସି ପଡ଼ିବା ଦେଖି ପ୍ରଧାନ ଶିକ୍ଷକ ଶ୍ରେଣୀ ଗୃହରେ ତାଲା ପକାଇ ଦେଇଥିଲେ । ଏ ସମ୍ପର୍କରେ ବିଦ୍ୟାଳୟ କର୍ତୃପକ୍ଷ ଅନେକ ଥର ସରପଞ୍ଚ ଏବଂ ବ୍ଲକ ପ୍ରଶାସନ ଙ୍କୁ ଅବଗତ କରିଛନ୍ତି କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହାନ୍ତି ବୋଲି ସ୍କୁଲ ଏସ ଏମ ସି ଚେୟାରପର୍ସନ ଅଭିଯୋଗ କରିଛନ୍ତି । ବିଦ୍ୟାଳୟର ଅଫିସ ରୁମ ବହୁତ ଦୟନୀୟ ଅବସ୍ଥାରେ ଅଛି, ଆଜବେଷ୍ଟର ଅନେକ ସ୍ଥାନରେ କଣା ହୋଇଯାଇଛି ବର୍ଷ ହେଲେ ପାଣି ଗଳୁଛି । କାଠ ବାଡ଼ିରେ ସପୋର୍ଟ ଦେଇଛନ୍ତି ଅଜବେଷ୍ଟ କୁ, ଅନେକ ଶ୍ରେଣୀ ଗୃହରୁ ପାଣି ଗଳୁଛି ଯେଉଥି ପାଇଁ ପାଠ ପଢିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କେବେ ମଧ ବଡ଼ ଧରଣର ଦୁର୍ଘଟଣା ଘଟି ପାରେ ବୋଲି ଏସ ଏମ ସି ଚେୟାରପର୍ସନ କହିଛନ୍ତି,ସେ କହିଛନ୍ତି ଜିଲ୍ଲା ପ୍ରଶାସନ ଶୀଘ୍ର ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ, କାହିଁକି ନା ଏହି ବିଦ୍ୟାଳୟରେ ପାଖା ପାଖି ଅଢେଇ ଶହ ଏସ ସି/ଏସ ଟି ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି ।

# ଦିଗପହଣ୍ଡି ନଗର କଂଗ୍ରେସ ସଭାପତିଙ୍କୁ ହତ୍ୟା ଉଦ୍ୟମ ଘଟଣା ଅଭିଯୁକ୍ତ ଗିରଫ

ଦିଗପହଣ୍ଡି : ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ରଙ୍କୁ ଗତ ସୋମବାର ସକାଳେ ଦିଗପହଣ୍ଡି ସାହାଣୀ ସାହିର କିଛି ଯୁବକ ଆକ୍ରମଣ କରିବାସହ ହତ୍ୟା ଉଦ୍ୟମ କରିଥିଲେ। ଏହି ମାମଲାରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ଏନ୍ ଏସି ୨ ନଂ ୱାର୍ଡ ସାହାଣୀ ସାହିର ଅମର ଦାସ (୧୮) । ସୋମବାର ସକାଳେ ଅଭିଯୁକ୍ତ ଜଣକ ଏକ ନିରୀହ ନାବାଳକ ଛାତ୍ରକୁ ଦିଗପହଣ୍ଡି ଜନତାଲେନ ରେ ମାରପିଟ୍ କରୁଥିଲା । ଏହାଦେଖି ଦୀପକ ପ୍ରତିବାଦ କରିବାରୁ ଅଭିଯୁକ୍ତ ଅମର ଏବଂ ତାଙ୍କ ସହଯୋଗୀ ମାନେ ପ୍ରଥମେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଘଟଣା ପ୍ରଚାରିତ ପରେ ସହରବାସୀ ଦୃଢ଼ ନିନ୍ଦା କରିଥିଲେ । ଏପରିକି ଗତ କିଛିବର୍ଷ ଧରି ଉକ୍ତ ସାହିର କିଛି ଅସାମାଜିକ ଯୁବକଙ୍କ ଆତଙ୍କରାଜ ପାଇଁ ପୂରା ସହରବାସୀ ଭୟଭୀତ ହୋଇ ରହୁଛନ୍ତି । ଘଟଣା ପ୍ରତିବାଦରେ ଶତାଧିକ ଲୋକ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ ଏବଂ ନିଜେ ଦୀପକ ସହରରେ ଶାନ୍ତି ଫେରାଇବା ସକାଶେ ଓ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଥାନାରେ ଏତଲା ଦେଇଥିଲେ । ଏନେଇ ଥାନା ଅଧିକାରୀ ବାବା ଶଙ୍କର ସରାଫ ଘଟଣାର ତଦନ୍ତ କରି ଜଣେ ଅଭିଯୁକ୍ତ ଅମର କୁ ଗିରଫ କରିଥିଲେ । ବୁଧବାର ଥାନା କେସ୍ ନଂ ୨୬୮/ ୨୪ ଦଫା ୨୯୬/୧୧୫(୨)/ ୩୧୫(୨)/୧୦୯(୧)/୩(୫) ବି ଏନ୍ ଏସ୍ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆଦର୍ଶ ସ୍କୁଲ କୁ ଯିବା ରାସ୍ତାରେ ସାମାନ୍ୟ ପଥର ଗୁଣ୍ଡ ଛିଞ୍ଚି ଦେଇ ନିଜ ଦୋଷ ଝାଡିଲା ଅତାବିରା ଏନ୍ଏସି



ବରଗଡ:- ଦୁର୍ନୀତି ର ଗନ୍ତାଘର ସାଜିଥିବା ଅତାବିରା ଏନ୍ ଏସି ୱାର୍ଡ :-୫ ଭୋଇପୁରା ସ୍ଥିତ ଅତାବିରା ଆଦର୍ଶ ସ୍କୁଲ ଏନ୍ ଏଚ ୫୩ ରୁ ଥାନା କଡ ଦେଇ ଯାଇଥିବା ରାସ୍ତା ସହ ମରଣଯନ୍ତା ଖାଲୁଆ ବ୍ରିଜ ଓ ଆନ୍ଧ୍ର କଲ୍ୟାଣ ମଣ୍ଡପ ନିକଟସ୍ଥ ପେଟ୍ରୋଲ ପମ୍ପ ଦେଇ ଯାଉଥିବା ରାସ୍ତା କୁ ନେଇ ଗତ ଜୁଲାଇ ୭ ତାରିଖ ଦିନ ଦୈନିକ ଖବର କାଗଜ ଉତ୍କଳ ସମାଜ ରେ ପ୍ରକାଶିତ ହୋଇ ଥିଲା ।ଯାହାକୁ ନେଇ ଏନ୍ ଏସି ପ୍ରଶାସନ ର ନିଦ ଭାଙ୍ଗିବା ସହ କେବଳ କିଛି ଟା ପଥର ଗୁଣ୍ଡ ଛିଞ୍ଚି ଦେଇ ନିଜ ଦୋଷ ଝାଡି ଥାନା ଦେଇ ଯିବା ରାସ୍ତା ରେ ମରଣ ଯନ୍ତା ଖାଲୁଆ ବ୍ରିଜ ଓ ପେଟ୍ରୋଲ ପମ୍ପ ଦେଇ ଯିବା ରାସ୍ତା ରେ ଗାଆଁ ମଝିରେ ଥିବା ଗାଆଁ ବିଦ୍ୟାଳୟ,ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଥିବା ସଡେ ଯେମିତି ସରକାର ଙ୍କ ପୋଖରୀ ଯୋଜନା ଏବେ କୁନି କୁନି ପିଲା ତଥା ଯିବା ଆସିବା ଲୋକଙ୍କ ପାଇଁ ଏବେ ଯଥା ପୂର୍ବମ ତଥା ପରମ୍ ଅବସ୍ଥା ରେ ଅଭିଶାପ ହୋଇଛି ବୋଲି ବୁଦ୍ଧିଜୀବୀ ମହଲ ରେ ଅସନ୍ତୋଷ ପ୍ରକାଶ ପାଇଛି ।ସେହିଭଳି ଗାଆଁ ରାସ୍ତା ଅବସ୍ଥା ମଧ ଆଦୌ ଠିକ୍ ନାହିଁ। ବର୍ଷା ଦିନେ ଗାଆଁ ରାସ୍ତା କେନାଲ ଭଳି ପାଣି ପ୍ରବାହିତ ହେଉଥିବା ଲୋକେ କହୁଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିବା ଲୋକେ କହନ୍ତି ।ୱାର୍ଡ:-୫ ତଥା ଭୋଇପୁରା ଗାଆଁ କୁ ଯିବା ରାସ୍ତା ର ପହିଲି ମୁଣ୍ଡ ବାମ କଡ ରେ ଏକ ଆବର୍ଜନା ମୟ ଖୋଲା ଡ୍ରେନ ଦୁର୍ଘଟଣା କୁ ଆମନ୍ତ୍ରଣ କରି ଅନାଇ ରହିଛି ।ତେବେ ଦେଖା ଯାଉ ଆଉ କେତେ ଦିନ ପରେ ସରକାର ଦୃଷ୍ଟି ପଡି ଅବହେଳିତ ରାସ୍ତା,ବ୍ରିଜ,ଡ୍ରେନ ଗୁଡ଼ିକ ପୁନଃ ଉଦ୍ଧାର ହେବ।

# କରଚଲା ବ୍ରିଜ କାମ ର ଅସ୍ଥାୟୀ ବାଇପାସ ରାସ୍ତା କାଟିବାରୁ ଯାନବାହନ ଚଳାଚଳ ଠପ



କଳାହାଣ୍ଡ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ର ପଖାନାଗୁଡା କରଚଲା ଚିଲକପୁର ପିଡବ୍ଲୁଡି ରାସ୍ତାର ଉର୍ଦ୍ଧୃତି କରଣ ଦୀର୍ଘ ମାସ ହେଲା ଚାଲୁ ରହିଛି ।ବର୍ଷା ଦିନରେ ମଧ ମେଟାଲ କାମ ଚାଲୁ ରହିଥ ?ିବା ଦେଖୁବାକୁ ମିଳିଛି । ଏହି ରାସ୍ତାର କରଚଲା କଲେଜ ନିକଟରେ ନିର୍ମାଣ ହେଉଥ ?ିବା ଅମ୍ବାଦୁଲ। ଡି ଷ୍ଟ୍ରିବ୍ୟୁଟାରୀ ଶାଖାକେନାଲର ବ୍ରିଜ ନିର୍ମାଣ କାମ ଚାଲୁ ରହିଛି ।ଏହି ବ୍ରିଜ ନିର୍ମାଣ ପାଇଁ ଖରା ମାସରେ ଠିକାଦାର ଜଣକ ଯାନବାହନ ଓ ଲୋକଙ୍କ ଯିବା ଆସିବା ପାଇଁ ଅସ୍ଥାୟୀ ବାଇପାସ ରାସ୍ତା ନିର୍ମାଣ କରିଥିଲେ । କେନାଲ ପାଣି ଖରା ମାସରେ ବନ୍ଦ ଥ ?ିବା ଯୋଗୁ ଠିକାଦାର ଜଣକଅସ୍ଥାୟୀ ବାଇପାସ ରାସ୍ତାରେ ହୋମ ପାଇପ ନ ଦେଇ ରାସ୍ତା ନିର୍ମାଣକରିଥିଲେ ।ଶାଖା କେନାଲ ବ୍ରିଜ ନିର୍ମାଣ ହୋଇ ଥିବାରୁ ଚାଷୀଙ୍କୁଧାନ ତଳି ପକା ପାଇଁ ପାଣିର ଆବଶ୍ୟକ ପଡି ଥିଲା ।ହେଲେ ଗତ ୧୦ ତାରିଖରେ କେନାଲ ପାଣି ଛଡା ଯିବାରୁ ଚାଷୀ ମାନେ କେନାଲ ପାଣି ଠିକ ଭାବରେ ପାଉ ନ ଥିଲେ । ଏପରିକି ଆଜି ବ୍ରିଜ ନିର୍ମାଣର ବାଇପାସ ରାସ୍ତା ସକାଳେ ଠିକ ରହି ଥିଲା ।ଅପରାହ୍ନ ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହୋଇ ଥିଲା ଏବଂ କେନାଲରେ ମଧ୍ୟଠିକ ଭାବରେ ପାଣି ଆସୁଥୁଲା ।ଚାଷୀଙ୍କୁ ପାଣି ଦରକାର ଥିବାଯୋଗୁଁ ଅସ୍ଥାୟୀ ବାଇପାସ ରାସ୍ତା ସମ୍ପୂର୍ଣ ଭାଙ୍ଗି ଦିଆଗଲା ।ଯାହାଫଳରେ ଅପରାହ୍ନ ରେ କରଚଲା ପଖନାଗୁଡା ରାସ୍ତା ଯାନବାହନ ଚଲା ଚଲ ଠପ ରହିଥିଲା । ଏହି ରାସ୍ତା ବନ୍ଦ ଥିବାରୁ ଲୋକେ ବହୁତକଷ୍ଟରେ ଖରାପ ଥ ?ିବା ଶାଖା କେନାଲ ଦେଇ ୧ କିମି ଅତିକ୍ରମ କଲାପରେ କରଚଲା ବ୍ରିଜ ରାସ୍ତାକୁ ଆସିବାକୁ ପଡୁଥିଲା । କେନାଲ ଏବେ ଲୋକେ କେଉଁ ଆଡେ ଦେଇ ଯିବା ଆସିବା କରିବେ ତାହା ସମସ୍ୟା ହୋଇ ରହିଛି ।

# ସ୍କୁଲ ଗେଟରେ ତାଲା ପକେଇ ଗେଟ ସମ୍ମୁଖରେ ଧାରଣା ଦେଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ସାରସକଣା : ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା କରୁଛନ୍ତି । ତ ?ଥାପି କେଉଁଠି ଶିକ୍ଷକ ଅଭାବ, କେଉଁଠି ଭିଭିଭୂମି ଅଭାବ ତ ପୁଣି କେଉଁଠି ସବୁ ଥାଇ ମଧ ଶିକ୍ଷକ ଅଭାବ ଦେଖାଯାଉଛି। ଆଉ କୋଉଠି ଶିକ୍ଷକ ଥାଇ ଡିଉଟିରେ ଅବହେଳା ଦେଖାଦେଇଛି । ଏହାରି ଭିତରେ ଶିକ୍ଷକ ବଦଳି ନେଇ ଆନ୍ଦୋଳନରେ ଛାତ୍ରଛାତ୍ରୀ ସ୍କୁଲ ଗେଟରେ ଝୁଲିଛି ତାଲା। ପାଠପଢା ଠପ୍ । ଏ ହେଉଛି ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ପୋଡାସିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ୧୯୦ ଛାତ୍ରଛାତ୍ରୀଙ୍କୁ ୩ଜଣ ଶିକ୍ଷକ ରହିଥିବା ବେଳେ ଜଣେ ବିଭିନ୍ନ ସମୟରେ ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ଅବ୍ୟବସ୍ଥା । ତିନି ଜଣ ଶିକ୍ଷକ ମଧ୍ୟରୁ କିଛି ଦିନ ହେଲା ସାରସକଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ୟ ସ୍କୁଲକୁ ବଦଳି କରିଦେଇଛନ୍ତି ଯାହା ଫଳରେ ଆଜି ୧୦ ଘଟିକା ସମୟରେ ପୋଡାସିଆ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଶିକ୍ଷକ ବଦଳିକୁ ତୁରନ୍ତ ବନ୍ଦ କରିବା ପାଇଁ ସ୍କୁଲ ଗେଟରେ ତାଲା ପକେଇଛନ୍ତି । ତେବେ ଛାତ୍ରଛାତ୍ରୀ ମାନଙ୍କ କହିବା କଥା ଶିକ୍ଷକ ବିକାଶ ସାହୁ ପିଲାମାନଙ୍କୁ ପାଠ ପଢାଇବା ତୋ ଦୁରରକଥା ସ୍କୁଲକୁ ମଧ ଠିକ ସମୟରେ ଆସୁନାହାନ୍ତି ଯଦିଓ କେବେ ଆସନ୍ତି ତେବେ ମଧ୍ୟାନ୍ୟ ଭୋଜନ ପରେ ସ୍କୁଲ ରୁ ଛୁ ମାରନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ ନିରୋଷ୍ଟି ବେହେରା ତେବେ ଘଟଣା ସ୍ଥଳରେ ସାରସକଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଲ ସିଂ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହିତ ଆଲୋଚନା ପରେ ଶିକ୍ଷକ ବିକାଶ ସାହୁଙ୍କୁ ସସପେଣ୍ଡ କରିଛନ୍ତି ଓ ଅନ୍ୟତ୍ର ବଦଳି କରାଯାଇଥିବା ଶିକ୍ଷକଙ୍କୁ ପୁଣିଥରେ ସେହି ସ୍କୁଲରେ ଶିକ୍ଷା ଦାନ କରିବା ନିମନ୍ତେ ଅନୁମତି ଦେଇଛନ୍ତି ସାରସକଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଲ ସିଂ ।

# ଘରେ ତେଲେଙ୍ଗାନା କାମ କରିବା ପାଇଁ ଯାଉଛି କହି ତିଳେସ୍ୱରରେ କରୁଥିଲେ ଏଟିଏମ୍ ଲୁଟ



ବୌଦ୍ଧ : ବୌଦ୍ଧ ପୁରୁଣାକଟକ ଥାନା ପୋଲିସ ହାତରେ TV ATM ଲୁଟେରା ଗ୍ୟାଙ୍ଗ । ଦୁଇଦିନ ତଳେ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ଥାନା ତିଳେଶ୍ୱର ଗ୍ରାମରେ ବିଳମ୍ୱତ ରାତ୍ରରେ ଇଞ୍ଜଗ ଲୁଟ ହେଇଥିବା ପୋଲିସ ନିକଟରେ ହୋଇଥିଲା ଅଭିଯୋଗ । ଏବେ ପୋଲିସ ୪ଜଣିଆ ଲୁଟେରା ଗ୍ୟାଙ୍ଗ ମଧ୍ୟରୁ ୩ଜଣଙ୍କୁ ଧରିବାରେ ସଫଳ ହୋଇଛି । ସୂଚନାମୁତାବକ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ତିଳେଶ୍ୱର ଗ୍ରାମ ରେ ଥିବା SBI ATM ଉପରେ ଦୁବୃତ୍ତ ଙ୍କ ନଜର ପଡିଥିଲା । ଦୁଇ ଦିନ ତଳେ ବିଳମ୍ବିତ ରାତ୍ରି ରେ ୪ଜଣ ଇଞ୍ଜଗ ଲୁଟେରା ଆସି ଇଞ୍ଜଗ ଭାଙ୍ଗି ଟଙ୍କା ଲୁଟ କରୁଥିଲେ । କିନ୍ତୁ ଶବ୍ଦ ଶୁଣି ଗ୍ରାମବାସୀ ଇଞ୍ଜଗ ନିକଟରେ ପହଞ୍ଚିଥିଲେ । ଫଳରେ ଗ୍ରାମବାସୀଙ୍କୁ ଦେଖି ଲୁଟେରାମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଅଭିଯୋଗ ପାଇ ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ଓ ସାଇଣ୍ଟିଫିକ ଟିମ ଆସି ତନାଘନା ସହ ସିସିଟିଭି ଯାଞ୍ଚ ପରେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ରୁ ୩ ଜଣ ଲୁଟେରାଙ୍କୁ କାବୁ କରିବା ରେ ପୋଲିସ ସଫଳ ହୋଇଥିବା ବେଳେ ଆଉ ଜଣେ ଲୁଟେରା ମାଷ୍ଟର ମାଇଣ୍ଡ ଫେରା ରହିଛି । ମୁଖ୍ୟ ଅଭିଯୁକ୍ତ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ତେବେ ଥାନା ରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତ ଙ୍କ ଠାରୁ ଏକ ନାନୋ କାର, ୩ଟି ମୋବାଇଲ, ଜି ପ୍ୟାଡ଼ ମୋବାଇଲ, କଇଚି, ସୁଟ କେଶ, ଏୟାର ବ୍ୟାଗ, କ୍ଲୋର ଫର୍ମ, ଅକ୍ସିଜେନ ସିଲିଣ୍ଡର, କଟର, ପ୍ଲାଷ୍ଟିକ ଦୌଡ଼ି, ପୋଲିସ ଓ ସିକ୍ୟୁରିଟି ୟୁନିଫରମ, ଆଦି ଜବତ ହୋଇଛି କ୍ଷ ଏସମସ୍ତ ଲୁଟେରା ମାନେ ହେଲେ ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଞ୍ଚଳର ରୋଶନ ରାଉତ , ଅନ୍ୟଜଣେ ହେଲେ କଟକ ସେମିନାର ଛକ ପୁରୀଘାଟ ଅଞ୍ଚଳର ସୁରେନ୍ଦ୍ର ସେଠି , କଟକ ଖାନନଗର ଅଞ୍ଚଳର ଦେବାଶିଷ ପ୍ରଧାନ ହୋଇଥିବା ବେଳେ ମୁଖ୍ୟ ଆସାମୀ ଫେରାର ମାରିଛି କ୍ଷ ଉକ୍ତ ଲୁଟେରା ଦଳ ଘରେ ପରିବାର ଲୋକଙ୍କୁ ତେଲେଙ୍ଗାନା କାମ କରିବାକୁ ଯାଉଛୁ କହି ତିଳେଶ୍ୱର ପହଁଚି ଏଟିଏମ୍ ଲୁଟ ଉଦ୍ୟମ କରିଥିଲେ । ଲୁଟ ରେ ବ୍ୟବହୃତ ସାମଗ୍ରୀ ନୂତନ ଥିବା ନେଇ ପୁରୁଣାକଟକ ପୋଲିସ ପକ୍ଷରୁ ସୂଚନା ମିଳିଛି କ୍ଷ ପୋଲିସ ଏକ ମାମଲା ରୁଜୁ କରି ତିନି ଲୁଟେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଲେଖକ ମାଧବ କୌଶିକ ପାଇଲେ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର

ବାଲେଶ୍ୱର/ନୀଳଗିରି : ବିଶ୍ୱବିଦ୍ୟାଳୟ ୨୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ସାଂସଦ, ବାଲେଶ୍ୱର, ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଛନ୍ତି। ଶ୍ରୀ ଷଡଙ୍ଗୀ ଫକୀରମୋହନ ସେନାପତି ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଭଳି ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କ ଉତ୍ତରାଧିକାରୀ କହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ଜିଜ୍ଞାସା ଜ୍ଞାନ ଆହରଣ କରିବାର ଏକମାତ୍ର ଉତ୍ସ ଓ ମୌଳିକ ସୃଜନଶୀଳତାର ବିକାଶ ଦ୍ୱାରା ଛାତ୍ରଛାତ୍ରୀ ମାନେ ଏକ ସଂପୂର୍ଣ୍ଣ ନାଗରିକର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଚରିତ୍ର ନିର୍ମାଣ ତଥା ସଂସ୍କାରଯୁକ୍ତ ହେଲେ ହିଁ ଏକ ସଶକ୍ତ ଦେଶ ଗଠନ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ୨୬ତମ ସ୍ଥାପନା ଦିବସ ଅବସରରେ ସୁପ୍ରସିଦ୍ଧ ଲେଖକ ତଥା ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କୁ ୨୦୨୪ ମସିହା ପାଇଁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତିଷ୍ଠା ଦିବସ ତଥା ରୌପ୍ୟଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀ କୌଶିକ ଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସାମଗ୍ରିକ କୃତି ପାଇଁ ଏହି ସାରସ୍ୱତ ପୁରସ୍କାର ପ୍ରଦାନ କରାଯାଇଛି। ମାଧବ କୌଶିକ ଙ୍କ ରଚିତ ପୁସ୍ତକ ମଧ୍ୟରେ ,' ଉଡନେ କୋ ଆକାଶ ମିଲେ', ' ଠିକ୍ ଉସି ୱକ୍ତ' ,' କଡି ଧୂପ ମଁ ନଙ୍ଗେ ପୈରୋ, 'ମେରୀ ଚୁନିନ୍ଦା କାହାନିଆଁ, ' ରୋଶନୀ ୱାଲି ଖିଡକୀ' ଇତ୍ୟାଦି ଖୁବ ପ୍ରସିଦ୍ଧିଲାଭ କରିଅଛି। ସେ ପାଇଥିବା ପୁରସ୍କାର ମଧ୍ୟରେ ' ଅଖିଲ୍ ଭାରତୀୟ ବଲରାଜ ସାହାନୀ ପୁରସ୍କାର ' , ' ମହାକବି ସୁରଦାସ ସମ୍ମାନ ', ' ସୁବ୍ରମଣ୍ୟମ ଭାରତୀ ଜାତୀୟ ପୁରସ୍କାର ' ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀ କୌଶିକ ବର୍ତ୍ତମାନ ଜ୍ଞାନପୀଠ ପୁରସ୍କାର ଚୟନ କମିଟିର ସଦସ୍ୟ ଭାବେ ମଧ୍ୟ ରହିଛନ୍ତି। ମାନପତ୍ର ସମ୍ମାନ ସହ ଶ୍ରୀ କୌଶିକ ଙ୍କୁ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଓ ଡେଭେଲପମେଣ୍ଟ ଅଧିକାରୀ ପ୍ରଫେସର ପବିତ୍ରମୋହନ ନାୟକ ଉପସ୍ଥିତ ରହିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ ' ବ୍ୟାସଗୌରବ ସମ୍ମାନ-୨୦୨୪' , ବିଶିଷ୍ଟ ଲେଖକ ଓ ପ୍ରଶାସକ ଶ୍ରୀ ବିଜୟ ନାୟକ ଓ ପ୍ରଖ୍ୟାତ ନାଟ୍ୟକାର ଶ୍ରୀ ହେମେନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ତରୁଣ କଥାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ କବିତା ବାରିକ ପ୍ରଦତ୍ତ ' ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର ' ଗାଳ୍ପିକା ଶୁଶ୍ରୀ ଲୋପାମୁଦ୍ରା ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ହେମେନ୍ଦ୍ର ମହାପାତ୍ର ନିଜ ନାଟ୍ୟକାର ଜୀବନର କାହାଣୀ ଅତି ସଂକ୍ଷେପ ରେ ଦର୍ଶକଙ୍କୁ କହି ଅଭିଭୂତ କରିଥିଲେ। ଏଥିସହ ବିଶିଷ୍ଟ ଲେଖକ, ଅତିରିକ୍ତ ସଚିବ, ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀ ରୁ ଆମନ୍ତ୍ରିତ ଶ୍ରୀ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଅତୀତ ସହ ବର୍ତ୍ତମାନର ପରିବର୍ତ୍ତନକୁ ତୁଳନା କରି ପ୍ରଶଂସାଗାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନରେ ବିଶ୍ୱବିଦ୍ୟାଳୟରେ ଭବିଷ୍ୟତରେ ହେବାକୁଥିବା ଯୋଜନା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକର ବ୍ୟାଖ୍ୟା କରିଥିଲେ। ସମସ୍ତଙ୍କ ସହଯୋଗ ହେତୁ ବିଶ୍ୱବିଦ୍ୟାଳୟର ଦୀର୍ଘ ୨୫ ସଫଳ ବର୍ଷର ପାଳନ କରିପାରିଥିବାରୁ ସେ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଫକୀରମୋହନ ସାହିତ୍ୟ ସଂସଦର ସଦସ୍ୟ, ମନୋଜାୟନର ସଦସ୍ୟ ତଥା ଦି ଓଡ଼ିଶା ଆସୋସିଏସନ ଫର୍ ଇଂଲିଶ ଷ୍ଟଡିଜର ସଦସ୍ୟ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ଼କ୍ଟର ସ୍ମିତି ପାଢୀ ସଂଚାଳନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇ ଥିଲେ।

# ବର୍ଷାରେ ଭୁଶୁଡ଼ି ପଡିଲା ଘର,ବହୁ ଘରେ ଆଶ୍ରୟ ନେଇଛନ୍ତି ବୃଦ୍ଧ ଦମ୍ପତି



ଝରିଗାଁ -ଦୀର୍ଘ ବର୍ଷ ତଳେ ମାଟି କାନ୍ଥରେ ଦୁଇ ବଖରା ଘର କରିଥିଲେ ।ଝରିଗାଁ ବ୍ଲକରେ କିଛି ଦିନ ହେବ ବର୍ଷା ହେଉଥିବା ବେଳେ ଆଜି ଘରର ସାମ୍ନା କାନ୍ଥ ସମ୍ପର୍ଣ୍ଣ ଭୁଶୁଡି ପଡିଥିବା ବେଳେ କେଉଁ ସମୟରେ ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିବାର ସମ୍ଭାବନା ରହିଥିବା ଯୋଗୁଁ ବହୁ ଘରେ ଆଶ୍ରୟ ନେଇଛନ୍ତି ବୃଦ୍ଧ ଦମ୍ପତି ।ଏଭଳି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ପଞ୍ଚାୟତ ଅନ୍ତର୍ଗତ ବଇଁଶିବନ୍ଧା ଗ୍ରାମରେ ଦେଖିବାକୁ ମିଳିଛି ।ସୂଚନା ପ୍ରକାରେ ବଇଁଶିବନ୍ଧା ଗ୍ରାମର ବନ୍ଧୁ ପନକା ଦୀର୍ଘ ବର୍ଷ ତଳେ ମାଟିରେ କାନ୍ଥ ତିଆରି କରି ଦୁଇ ବଖରା ଘର ତିଆରି କରିଥିଲେ ।ତେବେ ଆର୍ଥିକ ଅଭାବ ଯୋଗୁଁ ଘରର ମରାମତି କରିବା ପାଇଁ ସକ୍ଷମ ହୋଇପାରୁ ନଥିଲେ ।ଧୀରେ ଧୀରେ ବର୍ଷା ପାଣିରେ କାନ୍ଥ ଗୁଡିକ ନଷ୍ଟ ହେବାରେ ଲାଗିଥିଲା ।ତେବେ ଆଜି ସନ୍ଧ୍ୟା ସମୟରେ ଘରର ସାମ୍ନା କାନ୍ଥ ସମ୍ପର୍ଣ୍ଣ ଭୁଶୁଡି ପଡିଥିଲା ।ଅନ୍ୟ କାନ୍ଥ ଗୁଡିକ ମଧ ବର୍ଷା ପାଣିରେ ନଷ୍ଟ ହୋଇଯାଇଥିବା ବେଳେ ବିପଦ ଶଙ୍କୁଳ ଅବସ୍ଥାରେ ଘର ରହିଥିବା ଯୋଗୁଁ ବନ୍ଧୁ ପନକା ଏବଂ ତାଙ୍କ ସ୍ତ୍ରୀ କିଆବତୀ ପନକା ସୁରକ୍ଷା ଦୃଷ୍ଟିରୁ ନିଜ ବହୁ ଜୟନ୍ତୀ ପନକାଙ୍କ ଘରେ ଆଶ୍ରୟ ନେଇଛନ୍ତି ।ପ୍ରଶାସନ ପକ୍ଷରୁ ଏହି ଅସହାୟ ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।ସେହିପରି ଉଭୟ ଦମ୍ପତିଙ୍କୁ ପ୍ରଶାସନ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ଚାଉଳ ମିଳୁଥିବା କହିଛନ୍ତି ।ଅନ୍ୟପକ୍ଷେ ବନ୍ଧୁ ପନକାଙ୍କ ଏକ ମାତ୍ର ପୁଅ ଗତ ତିନି ବର୍ଷ ତଳେ କରୋନା ସମୟରେ ଦାଦନ ଖଟିବାକୁ ଯାଇଥିବା ବେଳେ ମାଲକାନଗିରିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ତେବେ ସ୍ୱାମୀଙ୍କ ମୃତ୍ୟୁର ତିନି ବର୍ଷ ପରେ ମଧ ବିଧବା ଜୟନ୍ତୀ ପନକାଙ୍କୁ ଭତ୍ତା ମିଳୁନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।ତେଣୁ ପ୍ରଶାସନ ପକ୍ଷରୁ ଜୟନ୍ତୀଙ୍କୁ ବିଧବା ଭତ୍ତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ପଂଚମୁଖୀ ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୩.୭ : ଚଳିତ ଆଷାଢ ମାସ ଶୁକ୍ଳପକ୍ଷ ଉ□ରା ଫାଲ୍‌ଗୁନୀ ନକ୍ଷତ୍ରେ କନ୍ୟାଚନ୍ଦ୍ରେ ଷଷ୍ଠ ଗତେ ସପ୍ତମୀ ତିଥିରେ ଜୟଦେବ ବିହାର ଲେନ୍ ନଂ-୫ ପ□ମୁଖୀ ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଖଣ୍ଡ ଦୀପ ସ୍ଥାପନ, ଘ□ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହ ସ୍ନାନ, ଷୋଡ଼ଶ ଉପଚାର ପୂଜା, ଅଗ୍ନି ସ୍ଥାପନ, ମଣ୍ଡଳ ପୂଜା, ହୋମ ଓ ହନୁମାନ ଚାଳିଶା ପଠନ ଓ ପୂର୍ଣ୍ଣାହୂତି କରାଯାଇଥିଲା। ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ତଥା ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ମାନସ ରଞ୍ଜନ ରଥ, ସୀତାରାମ ମଲ୍ଲିକ, ରାଜଶ୍ରୀ ରଥ, ଦୁଃଶାସନ ସାହୁ, ମାୟାଧର ତ୍ରିପାଠୀ, ପରିଷଦର ଉପସଭାପତି ବିଭୂଦ□ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧ୍ୟକ୍ଷା ଲୋପାମୁଦ୍ରା ମହାପାତ୍ର, ଉର୍ମିଳା ରାଉତ, ମିନାକ୍ଷୀ ଷଡ଼ଙ୍ଗୀ, ସଲିଳା ନାୟକ, ସସ୍ମିତା ଦାସ, ମିନାକ୍ଷୀ ଦଳେଇ, ପ୍ରତିଭା ଦାଶ, ଶଶିକଳା ଦାସ, କିଶୋର ମହାପାତ୍ର, ସଞ୍ଜିତ ପଣ୍ଡା ଓ ନକୁଳ ଚନ୍ଦ୍ର ଲେଙ୍କା, ମୁଖ୍ୟ ପୂଜକ ଧୀରେନ୍ଦ୍ର କୁମାର ଦାଶ ଓ ମହେଶ୍ୱର ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ଟଙ୍କପାଣି ରୋଡ଼ର ବାଙ୍କୁଆଳସ୍ଥିତ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ବାରିକଙ୍କ ନେତୃତ୍ୱରେ ସଙ୍ଗୀତଜ୍ଞ ଗଣେଶ କୁମାର ମହାରଣା, ପଦ୍ମଜା ଦାସ, ସୁବର୍ଣ୍ଣ କୁମାର, ସୁମିତା ମହାରଣାଙ୍କ ଭଜନ ବେଶ୍ ମନମୁଗ୍ଧକର ହୋଇଥିଲା। ଏଥିରେ ବିଜୟ ମହାପାତ୍ର, ସୁଶାନ୍ତ କୁମାର ଓ ପ୍ରଭାକର ପ୍ରମୁଖ ଯନ୍ତ୍ରାଂଶରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ଆଖପାଖ ଅ□ଳରୁ ବହୁ ଲୋକ ଯୋଗଦାନ କରିଥିଲେ। ଏଥିରେ ପ୍ରାୟ ୩୦୦୦ ଲୋକଙ୍କ ଜନସମାଗମ ହୋଇଥିଲା।

# ଟ୍ରେନ୍, ଟ୍ରାକ ଏବଂ ଷ୍ଟେସନରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ପୂର୍ବତଟ ରେଳପଥ ପ୍ରୟାସକୁ ତୀବ୍ର କରିଛି

ଭୁବନେଶ୍ୱର, : ଟ୍ରେନ କୋଚଗୁଡ଼ିକର ପରିଚ୍ଛନ୍ନତା ପାଇଁ ଆବର୍ଜନା / ବର୍ଜ୍ୟବସ୍ତୁ ଗୁଡିକୁ ଉପଯୁକ୍ତ ସ୍ଥାନରେ ରଖିବା ଉପରେ ଯାତ୍ରୀମାନଙ୍କୁ ସମ୍ବେଦନଶୀଳ କରିବା ପାଇଁ ଅଭିଯାନ । ଲାଇସେନ୍ସ ପ୍ରାପ୍ତ କର୍ମଚାରୀ ଯାତ୍ରୀମାନଙ୍କଠାରୁ ଖାଇବା ପରେ କ୍ୟାଟରିଂ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଏବଂ ବର୍ଜ୍ୟବସ୍ତୁକୁ ଆବର୍ଜନା ବ୍ୟାଗରେ ରଖିବା ପାଇଁ ଦାୟୀ ରହିବେ । ମନୋନୀତ ଷ୍ଟେସନଗୁଡିକରେ ଅଳିଆ ସଂଗ୍ରହର ଏକ ବ୍ୟବସ୍ଥା ଅଛି । ଟ୍ରାକରେ ଅଳିଆ ଫିଙ୍ଗିବା ପାଇଁ ଲାଇସେନ୍ସ ପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ପୂର୍ବତଟ ରେଳପଥ ଏହାର ନେଟୱର୍କରେ ସ୍ୱଚ୍ଛତା ମାନ ବୃଦ୍ଧି ପାଇଁ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ବର୍ଜ୍ୟବସ୍ତୁର ସଠିକ୍ ନିଷ୍କାସନ ବିଷୟରେ ଚେତନତା କରାଇବା ଏବଂ ଉଭୟ ଟ୍ରେନ୍ ଏବଂ ଷ୍ଟେସନରେ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ସୁନିଶ୍ଚିତ କରିବା ସମ୍ବନ୍ଧରେ ଧ୍ୟାନ ଦେବା ।ଅଳିଆ ଆବର୍ଜନାର ମୁକାବିଲା ଏବଂ ବର୍ଜ୍ୟବସ୍ତୁ ନିଷ୍କାସନକୁ ପ୍ରୋତ୍ସାହିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ଭାବେ ପୂର୍ବତଟ ରେଳପଥ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି: ଯାତ୍ରୀ ସଚେତନତା ଅଭିଯାନ: ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରତ୍ୟେକ କୋଚର ଉଭୟ ପାର୍ଶ୍ୱରେ ଅବସ୍ଥିତ ଡଷ୍ଟବିନ ବ୍ୟବହାର କରିବାର ଗୁରୁତ୍ୱ ଉପରେ ଯାତ୍ରୀମାନଙ୍କୁ ସଚେତନତା କରାଇବା ପାଇଁ ପୂର୍ବତଟ ରେଳପଥ ଏକ ଅଭିଯାନ ଆରମ୍ଭ କରିଛି । ଯାତ୍ରୀମାନଙ୍କୁ ସ୍ୱଚ୍ଛ ଏବଂ ପରିଚ୍ଛନ୍ନତା ଟ୍ରେନ୍ ପରିବେଶ ବଜାୟ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିବା ପାଇଁ ଏହି ପଦକ୍ଷେପର ଲକ୍ଷ୍ୟ ଅଟେ । କ୍ୟାଟରିଂ ବର୍ଜ୍ୟବସ୍ତୁ ପରିଚାଳନା: ଅନ ବୋର୍ଡ ଟ୍ରେନରେ ଲାଇସେନ୍ସପ୍ରାପ୍ତ କର୍ମଚାରୀଙ୍କୁ ପ୍ରତ୍ୟେକ ଭୋଜନ ପରେ ଯାତ୍ରୀଙ୍କ ଠାରୁ କ୍ୟାଟରିଂ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଦାୟିତ୍ୱ ଦିଆଯାଇଛି । ସେମାନେ ଅବଶିଷ୍ଟ ଖାଦ୍ୟ, ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ ନିଷ୍କ୍ରିୟ ସାମଗ୍ରୀକୁ ଅଳିଆ ବ୍ୟାଗରେ ସଂଗ୍ରହ କରିବା, ଉଭୟ ଯାତ୍ରା ସମୟରେ ଏବଂ ପ୍ରତ୍ୟେକ ଯାତ୍ରା ଶେଷରେ ନିର୍ଦ୍ଦିଷ୍ଟ ସଂଗ୍ରହ ପଏଣ୍ଟରେ ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ କରନ୍ତି ।ଅଳିଆ ସଂଗ୍ରହ ଷ୍ଟେସନ: ଟ୍ରେନ ଯାତ୍ରା ସମୟରେ ମାର୍ଗରେ ମନୋନୀତ ଷ୍ଟେସନଗୁଡିକ ଠାରେ ଅଳିଆ ସଂଗ୍ରହ ପାଇଁ ବ୍ୟବସ୍ଥା କରାଜଯାଇଅଛି, ଯାହା ଟ୍ରେନ ଯାତ୍ରା ସମୟରେ କୋଚ ଗୁଡ଼ିକରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ କ୍ରମାଗତ ଭାବରେ ବିସର୍ଜନ କରିବାରେ ସହଜ କରିଥାଏ । ଅଳିଆ ଆବର୍ଜନା ବିରୋଧରେ କାର୍ଯ୍ୟାନୁଷ୍ଠାନ : ଟ୍ରେନ କୋଚ ଗୁଡ଼ିକରୁ ବାହାରୁଥିବା ଆବର୍ଜନା ରେଳ ଟ୍ରାକରେ ଫିଙ୍ଗିବା ବିରୁଦ୍ଧରେ ଲାଇସେନ୍ସ ପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ମାପ ରେଳ ଲାଇନରେ ପରିବେଶ ଅଖଣ୍ଡତା ଏବଂ ନିରାପତ୍ତା ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୂଚିତ କରୁଛି ।ପୂର୍ବତଟ ରେଳପଥରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ଏକ ନିରନ୍ତର ପ୍ରୟାସ ଯାହାକୁ ଷ୍ଟେସନ ଏବଂ ଟ୍ରେନରେ ଉତ୍ପାଦିତ ବର୍ଜ୍ୟବସ୍ତୁ ଉପରେ ନଜର ରଖିବା, ପୃଥକ କରିବା, ସଂଗ୍ରହ କରିବା, ସଂରକ୍ଷଣ କରିବା ଏବଂ ଦାୟିତ୍ୱବୋଧକ ଭାବରେ ବିସର୍ଜନ କରିବା । ରେଳ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କ ଆରାମ ଏବଂ ନିରାପତ୍ତା ପାଇଁ ସମସ୍ତ କୋଚ୍ ଏବଂ ଷ୍ଟେସନ ପରିସରଗୁଡିକ ସୁପରିଚାଳିତ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃତ । ଯାତ୍ରା ସମୟରେ ନିୟମିତ କୋଚ୍ ସଫା କରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି, ସ୍ୱଚ୍ଛତା ମାନଦଣ୍ଡକୁ ବଜାୟ ରଖିବା ପାଇଁ ଚଟାଣ, ଖାଦ୍ୟ ଟ୍ରେ ଏବଂ ଶୌଚାଳୟ ପରି କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ।ଯାତ୍ରୀ ସହଯୋଗ କାମନା : ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ଅଳିଆ ଆବର୍ଜନା ପାଇଁ ନିର୍ଦ୍ଦିଷ୍ଟ ଡଷ୍ଟବିନ ବ୍ୟବହାର କରିବା, ବର୍ଜ୍ୟବସ୍ତୁ ନିଷ୍କାସନ କାର୍ଯ୍ୟରେ ଲାଇସେନ୍ସ ପ୍ରାପ୍ତ କର୍ମଚାରୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଯାତ୍ରା ସମୟରେ ସ୍ୱଚ୍ଛତା ନିର୍ଦ୍ଦେଶାବଳୀ ପାଳନ କରି ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି । ଷ୍ଟେସନ ମାନଙ୍କରେ ଡ଼ାକବାଜି ମାଧ୍ୟମରେ ଘୋଷଣା ଏହି ପ୍ରୟାସକୁ ଆହୁରି ଦୃଢ଼ୀଭୂତ କରିଥାଏ, ଏକ ସ୍ୱଚ୍ଛ ଭ୍ରମଣ ପରିବେଶ ବଜାୟ ରଖିବାରେ ଯାତ୍ରୀମାନଙ୍କ ଠାରୁ ସକ୍ରିୟ ଅଂଶଗ୍ରହଣ ଆଶା କରିଥାଏ ।

# ଓଡ଼ିଆ ଭାଷା ସୁରକ୍ଷାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ତା ୧୩।୭ : ଉତ୍କଳଦୀପିକାର ପ୍ରତିଷ୍ଠାତା ସମ୍ପାଦକ, ଓଡ଼ିଆ ଭାଷା ଆନ୍ଦୋଳନର ମହାନ ପ୍ରବକ୍ତା କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୬ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ପିଏମ୍‌ଜିଛକସ୍ଥିତ ତାଙ୍କ ପ୍ରତିମୂ□ସ୍ଥଳୀରେ ଅନୁଷ୍ଠିତ ହୋଇ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃ□ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସର୍ବୋଦୟ ନେତା କୃଷ୍ଣ ସିଂହ, କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦର ସଭାପତି ତଥା ତାଙ୍କ ଦାୟାଦ ଉଦୟ ଶଙ୍କର ରାୟ, ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଶ୍ୱଜିତ୍ ଘୋଷ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ପ୍ରାଧ୍ୟାପିକା ଡକ୍ଟର ଝାନସୀ ସିଂହ, ଉଇ ଫର ଭୁବନେଶ୍ୱରର କାର୍ଯ୍ୟକ୍ରମ ସଂଯୋଜକ ଭାଜପା ନେତା ନରେନ୍ ସାହୁ, ମହେଶ ମହାନ୍ତି, କା□କେୟ ପରିଡ଼ା, ହିମାଂଶୁ କର, ବିଶ୍ୱଜିତ୍ ସ୍ୱାଇଁ, ସମୀର ଗୋଚ୍ଛାୟତ, ନାରାୟଣ ପରିଡ଼ା, ମଥୁରୀ ଚରଣ ଲେଙ୍କା, ଭକ୍ତଚରଣ ସ୍ୱାଇଁ, ସମାଜସେବୀ ପଣ୍ଡିତ ବିଦ୍ୟାଶଙ୍କର ମହାପାତ୍ର, କବି ଲକ୍ଷ୍ମୀଧର ଦାସ, ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ କର୍ମବୀରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ ।

ବିଧାୟକ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ମାହାଙ୍ଗା ମାଟି ବହୁ ବରପୁତ୍ରଙ୍କୁ ଜନ୍ମଦେଇ ନିଜ ମାତୃତ୍ୱକୁ ସାର୍ଥକ କରିଛି । ମାହାଙ୍ଗା ମାଟିର ଅସୁରେଶ୍ୱର ପ୍ରଗଣାର ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମ ନେଇ କଟକ ସହରକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିବା କର୍ମବୀର ଗୌରୀଶଙ୍କର ରାୟ ଉଚ୍ଚଶିକ୍ଷା ପରେ ପ୍ରଥମେ ଶିକ୍ଷକତା ଓ ପରେ ସରକାରୀ ଚାକିରି କରିବା ସହ ନିଜ ଉଦ୍ୟମରେ କଟକ ପ୍ରି□ଂ ପ୍ରେସ୍ ସ୍ଥାପନ କରି ଏହା ମାଧ୍ୟମରେ



କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସମେତ ବହୁ କବିଙ୍କ ତାଳପତ୍ର ପୋଥିରେ ଲିଖିତ କାବ୍ୟ କବିତାକୁ ମୁଦ୍ରଣ କରିଥିଲେ । ପରେ ପଠାଣୀ ସାମନ୍ତଙ୍କ ପଞ୍ଜିକା ମଧ୍ୟ ପ୍ରକାଶିତ ହୋଇଥିଲା । ଏହାପରେ ଉତ୍କଳଦୀପିକା ଖବରକାଗଜ ପ୍ରକାଶନ କରି ଓଡ଼ିଶାର ବିଭିନ୍ନ ସମସ୍ୟାକୁ ଖବରକାଗଜ ମାଧ୍ୟମରେ ପ୍ରକାଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ୧୮୬୬ ମସିହାରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷର କରୁଣ କାହାଣୀ ଉତ୍କଳ ଦୀପିକାରେ କ୍ରମାଗତ ପ୍ରକାଶନ ପରେ ଏହା ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଓଡ଼ିଶାରେ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇଥିଲା । ଓଡ଼ିଆ ଭାଷାକୁ ବିଲୋପ ସାଧନ ପାଇଁ ଯେତେବେଳେ ଚକ୍ରାନ୍ତ ହେଲା ସେତେବେଳେ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସହିତ କର୍ମବୀର ଗୌରୀଶଙ୍କର ଅନ୍ୟ ବରପୁତ୍ରମାନଙ୍କ ସହିତ ମିଶି ସ୍ୱତନ୍ତ୍ର ଭାଷା ଭି□କ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଆ ଭାଷାକୁ ବ□ାଇ ରଖିବା ପାଇଁ ଉତ୍କଳସଭା ଓ ପରେ ଉତ୍କଳ ସମ୍ମିଳନୀ ଗଠନ ହୋଇ ୧୯୩୬ ମସିହା ଅପ୍ରେଲ୍ ୧ ତାରିଖରେ ସ୍ୱତନ୍ତ୍ର ଭାଷା ଭି□କ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ମାହାଙ୍ଗା ମାଟିର ସମସ୍ତ ବରପୁତ୍ରଙ୍କ ଜୟନ୍ତୀ ଶ୍ରାଦ୍ଧୋତ୍ସବ ଭକ୍ତିପୂର୍ଣ୍ଣ ପରିବେଶରେ ପାଳନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୂଜ୍ୟପୂଜା ପ୍ରତି ଥିବା ସମର୍ପଣ ଭାବକୁ ଅଧିକ ବ୍ୟାପକ କରିବାକୁ ସେ ଶପଥ ନେଇଥିଲେ । ଚିରଞ୍ଜିବ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ, ଉଦୟ ଶଙ୍କର ରାୟ, କୃଷ୍ଣ ସିଂହ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ୧୯୮୩ ବ୍ୟାଚର ବନ୍ଧୁ ମିଳନ

ଭୁବନେଶ୍ୱର, ୧୩।୭ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ୧୯୮୩ ବ୍ୟାଚର ତୃତୀୟ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ବାଣୀବିହାର ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଆ ଅସ୍ମିତା ଓ ଓଡିଆ ଭାଷାର ବିକାଶ କ୍ଷେତ୍ରରେ ଭାଷା ସାହିତ୍ୟ ବିଭାଗର ଭୂମିକା ନେଇ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉ□ମା ଜେନା, ପଦ୍ମିନୀ ଶତପଥୀ, ପ୍ରଗତି ସାମନ୍ତସିଂହାର, ପଦ୍ମାଳୟା ଷଡଙ୍ଗୀ, ସଂଯୁକ୍ତା ରାଜଗୁରୁ, ସଞ୍ଜୁ ରାୟ, ଇନ୍ଦୁମତୀ ସାହୁ, ବିଜୟାଲକ୍ଷ୍ମୀ ଦାସ, ଲକ୍ଷ୍ମଣ ସିଂ, ସନ୍ତୋଷ ରାୟ, ଭୀମ ପୃଷ୍ଟି, ଯଶ୍ମିନ ପଟ୍ଟନାୟକ, ଫୂକା କାନୁନଗୋ, ଉପେନ୍ଦ୍ର ମହଲା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରୋଟାରୀ ରୟାଲ ପକ୍ଷରୁ ମେଗା ବୃକ୍ଷରୋପଣ



ଭୁବନେଶ୍ୱର, ୧୩.୭ : ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ପକ୍ଷରୁ ବାଲିଅନ୍ତା ପ□ାୟତସ୍ଥିତ ଅଟଳା ମହାଦେବ ମନ୍ଦିର ପ୍ରାଙ୍ଗଣରେ ମେଗା ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପରିବେଶ ଚେୟାର ଶିବବ୍ରତ ଦାସ, ଡିଜିଏନ ଅନିଲ୍ ସାମଲ ଯୋଗଦେଇ ଚାରା ରୋପଣ କରିବା ସହ ଏଭଳି ଅଧିକରୁ ଅଧିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ରୋଟାରିଆନମାନଙ୍କୁ ଆହ୍ୱାନ ଦେଇଥିଲେ। କ୍ଲବ ସଭାପତି ରୋଟାରିୟାନ ବିଭୂତି ଭୂଷଣ କର କହିଥିଲେ କି, କୋରାପୁଟ, ବଣେଇ, ନୟାଗଡ଼ ଓ ନୀଳଗିରୀ ଇତ୍ୟାଦି ସ୍ଥାନରେ କ୍ଲବ ପକ୍ଷରୁ ଆଗାମୀ ଦୁଇ ମାସ ମଧ୍ୟରେ ଅନ୍ୟୁନ ପଚାଶ ହଜାରରୁ ଉର୍ଦ୍ଧ୍ୱ ମଞ୍ଜି କନ୍ଦୁକ ବି□ାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି। ଏହି ଅବସରରେ କ୍ଲବର ସହ ପ୍ରାନ୍ତପାଳ ଶାନ୍ତନୁ ପାଣି, ପରିବେଶ ସହ ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ର, ପ୍ରାକ୍ତନ ସଭାପତି ସଞ୍ଜୟ କୁମାର ଚୌଧୁରୀ, ଅଶୋକାନନ୍ଦ ଧର, ପିତବାସ ମିଶ୍ର, କୋଷାଧକ୍ଷ ଦୀପକ ସେହଗଲ, ବସନ୍ତ କୁମାର ସାହୁ, ଅନୁପ କୁମାର ମିଶ୍ର, ରୋମା ସେହଗଲ, ବିଶ୍ୱଜିତ ମିଶ୍ର, ରୋଟ୍ରାକ୍ଟର ଚିନ୍ମୟ ଦାଶ, ଚୌଧୁରୀ ତାରାପ୍ରସାଦ, ତକିଜା ପ୍ରମୁଖଙ୍କ ସମେତ ଗ୍ରାମ କମିଟି ସଭାପତି ଧିରେନ କୁମାର କର, ଲକ୍ଷ୍ମୀଧର ରଣା, ଶଙ୍କର୍ଷଣ ନାୟକ, ବୁଲା ମୁଦୁଲି, ହାପି ଦଳରାୟ, ରଞ୍ଜନ ଚୌଧୁରୀ ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସୋଆ ଏବଂ ଏଭିଏନ୍ଏଲ୍ ମଧ୍ୟରେ ବୁଝାମଣା



ଭୁବନେଶ୍ୱର : ଯୁଗ୍ମ ଗବେଷଣା, ପରାମର୍ଶ, ଶିକ୍ଷା, ପ୍ରଶିକ୍ଷଣ ଓ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଆ ?ମୋର୍ଡ ଭେହିକିଲ୍ସ ନିଗମ ଲିମିଟେଡ୍ (ଏଭିଏନ୍ ?ଏଲ୍ ?) ଓ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ମଧ୍ୟରେ ଶୁକ୍ରବାର ଏଠାରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି ।ସୋଆ ଏବଂ ଏଭିଏନ୍ ?ଏଲ୍ ମଧ୍ୟରେ ପାଂଚ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣା ଅନୁଯାୟୀ ଗବେଷଣା ସଂକ୍ରାନ୍ତୀୟ ପ୍ରକଳ୍ପକୁ ନେଇ ଦୁଇ ଅନୁଷ୍ଠାନ କାର୍ଯ୍ୟ କରିବେ ।ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଏଭିଏନ୍ ?ଏଲ୍ ?ର ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ବିଶ୍ୱରଞ୍ଜନ ପଟ୍ଟନାୟକ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିଲେ ।ଏଭିଏନ୍ ?ଏଲ୍ କ୍ୟାମ୍ପସ୍ ନିଯୁକ୍ତି ମାଧ୍ୟମରେ ସୋଆର ଗ୍ରାଜୁଏଟମାନଙ୍କୁ ଚୟନ କରିବା ସହ ସେମାନଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ନିମନ୍ତେ କିମ୍ବା ଇନ୍ ?ଟର୍ଣ୍ଣ ଭାବେ ମନୋନୀତ କରିବ । ସେହିପରି ଏଭିଏନ୍ ?ଏଲ୍ ?ର କର୍ମଚାରୀମାନେ ସୋଆରେ ଏମ୍ ?ଟେକ୍ ଏବଂ ପିଏଚ୍ ?ଡି କରିବାର ସୁଯୋଗ ପାଇବେ ।ଏତଦ୍ ବ୍ୟତୀତ ସୋଆ ପରିଚାଳିତ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍ ?କ୍ୟୁବେସନ୍ (ସୋଆ-ସିଆଇଆଇ)ରେ ଏଭିଏନ୍ ?ଏଲ୍ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ସହଯୋଗରେ ଥିବା ଷ୍ଟାର୍ଟ ଅପ୍ କମ୍ପାନୀଗୁଡ଼ିକ ସହ କାର୍ଯ୍ୟ କରିବ ।ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ଏଭିଏନ୍ ?ଏଲ୍ ?ର ଜେନେରାଲ ମ୍ୟାନେଜର (ଏଚ୍ ?ଆର୍ ?) ଶ୍ରୀ ରଞ୍ଜନ କୁମାର ବଳ, ସୋଆ ପରିଚାଳିତ ଆଇଟିଇଆ ?ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା, ଆଡିସ୍ ?ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା, ଆଡିସ୍ ?ନାଲ୍ ଡିନ୍ (ଏକାଡେମିକ୍ ?ସ) ପ୍ରଫେସର ଡି.ଏନ୍ ?. ଥାଟୋଇ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ସରୋଜ ଆଚାର୍ଯ୍ୟ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ବିନୋଦ କୁମାର ସାହୁ ଏବଂ ଇନ୍ ?ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍ ?)ର ପ୍ରଫେସର ଅୟସକାନ୍ତ ମହାନ୍ତି ଏବଂ ପ୍ରଫେସର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ ।

# କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କର

ଭୁବନେଶ୍ୱର : ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାପାଇଁ ନୂଆ ସରକାର ଏବେ ଶିକ୍ଷକ ନିଯୁକ୍ତି ଉପରେ ଜୋର ଦେଉଥିବାବେଳେ କମ୍ପ୍ୟୁଟର ଶିକ୍ଷାପାଇଁ ସମସ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟଗୁଡିକରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦେବାପାଇଁ ମତପ୍ରକାଶ ପାଉଛି । କଳା, ବିଜ୍ଞାନ ଆଦି ବିଷୟର ଶିକ୍ଷକଙ୍କ ଅଭାବକୁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ସମ୍ଭାଳି ନେଉଥିବାବେଳେ କମ୍ପ୍ୟୁଟର ଶିକ୍ଷକ ଅଭାବ ଯୋଗୁଁ କିନ୍ତୁ ଭିତ୍ତିଭୂମି ନଷ୍ଟ ହେବାରେ ଲାଗିଛି ।ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲାଗି ରାଜ୍ୟର ୪ହଜାର ବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍ ? ପ୍ରତିଷ୍ଠା କରାଯାଇଥିଲା । ଏଥିପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେଇଥିଲେ । ଏହି ଲାବ୍ ?ରେ କମ୍ପ୍ୟୁଟର ସହିତ ପ୍ରିଣ୍ଟର, ପ୍ରୋଜେକ୍ଟର, ଇଣ୍ଟରନେଟ୍ ? ଆଦି ରହିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢାରେ କମ୍ପ୍ୟୁଟର ଶ୍ରେଣୀ ରହିଥିଲା ଏବଂ ଛାତ୍ରଛାତ୍ରୀମାନେ ସେହି ସମୟରେ ଲାବ୍ ?କୁ ଆସି କମ୍ପ୍ୟୁଟର ପାଠ ପଢୁଥିଲେ ।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍ତ୍ତୃପକ୍ଷ କମ୍ପ୍ୟୁଟର ପାଠ ପଢାଇବାପାଇଁ ଠିକା କମ୍ପ୍ୟୁଟର ଶିକ୍ଷକମାନଙ୍କୁ ରଖିଥିଲେ । ଯୋଜନା ଥିଲା ଏମାନେ ପିଲାଙ୍କୁ କମ୍ପ୍ୟୁଟର ପଢାଇବା ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କମ୍ପ୍ୟୁଟର ତାଲିମ ଦେବେ । ବଛା ବଛା ଶିକ୍ଷକମାନେ କମ୍ପ୍ୟୁଟର ତାଲିମ ପାଇଲାପରେ ସେମାନେ ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କ କମ୍ପ୍ୟୁଟର ପାଠପଢାଇବେ ।ହେଲେ ଏହି ଯୋଜନା ଏକ ପ୍ରକାର ବାଟବଣା ହୋଇଗଲା । ଯେଉଁ ଠିକା କମ୍ପ୍ୟୁଟର ଶିକ୍ଷକମାନେ ନିଯୁକ୍ତି ହେଲେ ସେମାନେ ପିଲାଙ୍କୁ ପାଠ ପଢାଇବା ସହିତ ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ସାମିଲ ହେଲେ । ପିଲାଙ୍କ ଫର୍ମ ପୂରଣ ଠାରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ ?ଲାଇନ୍ ?ରେ ହେଉଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ହାଇସ୍କୁଲଗୁଡିକରେ ଥିବା କମ୍ପ୍ୟୁଟର ଲାବ୍ ? ଏକ ପ୍ରକାର ଅଚଳ । ହଜାର ହଜାର ସଂଖ୍ୟାରେ କମ୍ପ୍ୟୁଟର ଖତ ଖାଇଗଲାଣି । ଅନ୍ୟାନ୍ୟ ସାମଗ୍ରୀର ବି ଅନୁରୂପ ଅବସ୍ଥା । ଶିକ୍ଷକ ଅଭାବରୁ କମ୍ପ୍ୟୁଟର ଶିକ୍ଷା ଦିଆଯାଇ ପାରୁନାହିଁ



କମ୍ପ୍ୟୁଟର ପ୍ରଶିକ୍ଷକଙ୍କୁ କାମରେ ଲଗାଇଦେଲେ । ତେବେ ନିଜେ କମ୍ପ୍ୟୁଟର ତାଲିମ ନେବାକଥା ଭୁଲିଗଲେ । ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକ ନିୟମିତ ଶିକ୍ଷକ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଲା ।ପରବର୍ତ୍ତୀ ସମୟରେ ଏହି ଠିକା ଶିକ୍ଷକମାନଙ୍କୁ କାର୍ଯ୍ୟରୁ ଦୂରେଇ ଦିଆଗଲା । ଏମାନେ ନିଯୁକ୍ତି ଦାବି କରି ଦୀର୍ଘଦିନ ବିଧାନସଭା ସାମ୍ନାରେ ଧାରଣାରେ ବି ବସିଥିଲେ । ହେଲେ ସରକାର ସେଭଳି କୌଣସି କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ଏହା ପରଠାରୁ ।ତେଣୁ ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ଲାଗି ପ୍ରକ୍ରିୟା ଆରମ୍ଭ କରିଥିବାରୁ କମ୍ପ୍ୟୁଟର ପାଠ ପଢାଇବାପାଇଁ ମଧ୍ୟ ପ୍ରଶିକ୍ଷକ ନିଯୁକ୍ତି ଲାଗି ଅଭିଭାବକମାନେ ମତ ଦେଉଛନ୍ତି । ବର୍ତ୍ତମାନ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ଆରମ୍ଭକରି ଘରୋଇ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ପିଲାଙ୍କୁ କମ୍ପ୍ୟୁଟର ତାଲିମ ଦିଆଯାଉଥିବାବେଳେ ଭିତ୍ତିଭୂମି ଥିବା ରାଜ୍ୟର ସରକାରୀ ବିଦ୍ୟାଳୟଗୁଡିକରେ ଅନୁରୂପ ଭାବେ କମ୍ପ୍ୟୁଟର ପାଠପଢା ଲାଗି ଛାତ୍ରଛାତ୍ରୀ ଓ ଅଭିଭାବକମାନେ କହିଛନ୍ତି ।

Printed, Published, Edited & Owned by Prasanna Kumar Dash, Printed at Sakalasathi Publication, At/Po-Jagatpur, Dist- Cuttack-754021, ODISHA, and Published At-Shakti Nagar, Po.Arunoday Nagar, Dist- Cuttack, PIN-753012(odisha), Email: sakalasathinews@gmail.com, sakalasathi2015@gmail.com, Mob: 9439117607, www.sakalasathi.com
VISIT WEB CHANNEL : snewsodia.in, youtube : sakalasathi/snewsodia E-paper : sakalasathinews.com
EDITOR : PRASANNA KU. DASH
ସମ୍ପାଦକ : ପ୍ରସନ୍ନ କୁମାର ଦାଶ